CMYK

• Vol.- 46, Issue No. 227
• Thursday, 19 November 2026
• ଗୁରୁବାର, ୧୯ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ବଦଳିଲା ପୂର୍ବାନୁମାନ

ଓଡ଼ିଶାମୁହାଁ 'ଅକଓ୍ୱାନ'

- ଗୋପାଳପୁରରେ ହୋଇପାରେ ଲ୍ୟାଣ୍ଡଫଲ୍
- ଝଟକା ପବନ ବେଗ ରହିପାରେ ୧୧୦କିମି
- ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷାପାରେ
- ଗଜପତି ଓ କନ୍ଧମାଳ ଜିଲ୍ଲାରେ ହୋଇପାରେ ଭୂସ୍ଖଳନ
- ଗଞ୍ଜାମ, ଗଜପତି, କନ୍ଧମାଳ, ପୁରୀକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି
- ସୁରକ୍ଷିତ ସ୍ଥାନରେ ରୁହନ୍ତୁ



ଭୁବନେଶ୍ୱର,୧୮।୧୧: ବାତ୍ୟା 'ଅକଓ୍ୱାନ' ଏବେ ଓଡ଼ିଶାମୁହାଁ । ଏନେଇ ସ୍ପଷ୍ଟ କରିଛନ୍ତି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର । ଉତ୍ତରପଶ୍ଚିମ ଦିଗରେ ଗତି କରୁଛି ବାତ୍ୟା । ପ୍ରଥମେ ଏହା ଆନ୍ଧ୍ରପ୍ରଦେଶର ନରସାପୁର ଏବଂ ଓଡ଼ିଶାର ପୁରୀ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଥିଲା ତେବେ ପରବର୍ତ୍ତୀ ସମୟରେ ମିଳିଥିବା ସୂଚନାନୁଯାୟୀ, ବାତ୍ୟାର ଗତିପଥ ବଦଳିଛି । ଏହା ଓଡ଼ିଶା ଉପରେ ସିଧା ପ୍ରଭାବ ପକାଇପାରେ । ଗୋପାଳପୁରରେ ଆଗାମୀ ୨୦ ତାରିଖ ମଧ୍ୟାହ୍ନରେ ଲ୍ୟାଣ୍ଡଫଲ କରିପାରେ । ୪୮ ଘଣ୍ଟାରେ ଏହି ଗତିପଥ ବଦଳିଛି । ବାତ୍ୟା ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦କିମି ଓ ଝଟକା ପବନ ବେଗ ୧୧୦କିମି ରହିପାରେ । ୧୯ ଓ ୨୦ରେ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ଏହାସହ ୨୦ରୁ ୩୦ ସେମି ପର୍ଯ୍ୟନ୍ତ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ । ୧୯,୨୦,୨୧ ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ୧୯ ପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ପୁରୀକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲା ପାଇଁ ୧୯ରେ ରେଡ୍ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ୧୯ ତାରିଖରେ ଅବଶିଷ୍ଟ ସମସ୍ତ ଜିଲାକୁ ଅରେଞ୍ଜ ଓ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ୨୦ ତାରିଖ ପାଇଁ ମୟୂରଭଞ୍ଜ, ବାଲେଶ୍ୱରକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ୨୦ ପାଇଁ ୧୩ ଉପକୂଳବର୍ତ୍ତୀ, ଆଭ୍ୟନ୍ତରୀଣ ଜିଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ୨୦ ପାଇଁ ଆଉ ୬ ଜିଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, 'ଦକ୍ଷିଣ ଓ ଉତ୍ତର ଓଡ଼ିଶାର ଜିଲ୍ଲାମାନଙ୍କରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗଜପତି ଓ କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଜନ ସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସୁରକ୍ଷିତ ସ୍ଥାନରେ ରୁହନ୍ତୁ ଏବଂ ଦରକାର ନ ପଡ଼ିଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ।' ମିଳିଥିବା ଏକ ସୂଚନାନୁସାରେ ଏହି ବାତ୍ୟା ବର୍ତ୍ତମାନ କଳିଙ୍ଗପଟ୍ଟନମ ଠାରୁ ୫୭୦ କିମି, ନରସାପୁରଠାରୁ ୫୨୦ କିମି, ଗୋପାଳପୁର ଠାରୁ ୬୬୦ କିମି ଓ ପୁରୀ ଠାରୁ ୭୧୦ କିମି ଦୂରତାରେ ରହିଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ବାତ୍ୟା ନେଇ ଅନୁମାନ କରାଯାଇଥିଲା ଯେ ଓଡ଼ିଶାର କିଛି ଜିଲ୍ଲାକୁ ଘଷି ହୋଇ ଆନ୍ଧ୍ର ମୁହାଁଇପାରେ ।

କାହିଁକି ଗତିପଥ ବଦଳାଇଲା ବାତ୍ୟା

ମିଆଁମାର ନିକଟରେ ଚାପର ଡାରତମ୍ୟ!

ଭୁବନେଶ୍ୱର,୧୮।୧୧: ବାତ୍ୟା ଅକଓ୍ୱାନ୍ ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବା ନେଇ ମଙ୍ଗଳବାର ପର୍ଯ୍ୟନ୍ତ ଆକଳନ କରାଯାଉଥିଲା । ବାତ୍ୟାର ସମ୍ଭାବ୍ୟ ଗତିପଥକୁ ଦେଖି ଏହି ଆକଳନ କରୁଥିଲେ ପାଣିପାଗ ସଂସ୍ଥା । କିନ୍ତୁ ବୁଧବାର ବଡ଼ ପରିବର୍ତ୍ତନ ସଂପର୍କିତ ଖବର ଆସିଛି । ବାତ୍ୟା ଗତିପଥ ବଦଳାଇ ଉତ୍ତର-ଉତ୍ତର-ପୂର୍ବ ଦିଗରେ ଗତି କରି ଓଡ଼ିଶା ମୁହାଁ ହୋଇଛି । ତେବେ କାହିଁକି ଗତିପଥ ବଦଳାଇଲା ବାତ୍ୟା ଅକଓ୍ୱାନ୍ । ଏହା ପଛର ପ୍ରମୁଖ କାରଣ ବାୟୁମଣ୍ଡଳ ଚାପର ଡାରତମ୍ୟ ବୋଲି ଅନୁମାନ କରୁଛନ୍ତି ପାଣିପାଗ ବିଜ୍ଞାନୀ । ବାୟୁମଣ୍ଡଳରେ ଥିବା ଗୁରୁଚାପ ଓ ନିମ୍ନଚାପ ବଳୟର ସ୍ଥିତି ଏବଂ ପରିବର୍ତ୍ତନ ଯୋଗୁଁ ବାତ୍ୟାର ଗତିପଥ ପ୍ରଭାବିତ ହୋଇଛି । ଗୋଟିଏ ପ୍ରଶାନ୍ତ ମହାସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଚୀନ୍ ସାଗର ଓ ଆଣ୍ଡାମାନ ଅଞ୍ଚଳ ଉପରେ ଥିବାବେଳେ ଅନ୍ୟଟି ଆରବ ସାଗର ଉପରେ ରହିଛି । ଏହାର ପ୍ରଭାବ ଯୋଗୁଁ ଦୁର୍ବଳ ହୋଇ ଆଗକୁ ବଢୁଥିଲା ବାତ୍ୟା । ଏତିକିବେଳେ ଦକ୍ଷିଣ ଚୀନ ସାଗର ପାର୍ଶ୍ୱରେ ମିଆଁମାର ନିକଟରେ ଚାପର ଡାରତମ୍ୟ ହେତୁ ବାତ୍ୟାର ଗତିପଥ ବଦଳିଯାଇଛି । ବାତ୍ୟା ନିଜ ଇଚ୍ଛା ଅନୁସାରେ ଦିଗ ବଦଳାଏ ନାହିଁ । ଏହାର ଗତିପଥ ନିର୍ଣ୍ଣୟ କରିଥାଏ ଚାରିପାଖରେ ଥିବା ବାୟୁମଣ୍ଡଳୀୟ ପରିସ୍ଥିତି ଉପରେ ।

କୋଟିଆ ଓ ବାତ୍ୟା-ବନ୍ୟା ପ୍ରସଙ୍ଗ

ଆରମ୍ଭରୁ କମ୍ପିଲା ବିଧାନସଭା



ଭୁବନେଶ୍ୱର,୧୮।୧୧: ବୁଧବାରଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହୋଇଛି । ତେବେ ଆରମ୍ଭ ଦିନରୁ ହୋହଲ୍ଲାରେ ଏହା କମ୍ପିଛି । ଶୋକ ପ୍ରସ୍ତାବ ଆଗତ ପରେ ହିଁ ବିଧାନସଭା ସରଗରମ ହୋଇପଡ଼ିଥିଲା । ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ ଓ ନାରାବାଜିରେ ଗୃହ କମ୍ପିଥିଲା । ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବା ସମ୍ଭବ ହୋଇନଥିଲା । କୋଟିଆ ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ । ସେହିପରି ବାତ୍ୟା ଓ ବନ୍ୟା ପରିଚାଳନାରେ ସରକାରଙ୍କ ତ୍ରୁଟି ଅଭିଯୋଗ ଆଣି ବିଜେଡି ବିଧାୟକମାନେ ମଧ୍ୟ ହୋହଲ୍ଲା କରିଥିଲେ । ବିରୋଧୀଙ୍କ ଏହି ହଙ୍ଗାମା ଯୋଗୁଁ ଗୃହରେ ଆଲୋଚନା ଆଗକୁ ବଢ଼ିପାରିନଥିଲା । ଶେଷରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଗଞ୍ଜାମରେ ବନ୍ୟା ମୃତ୍ୟୁକୁ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସରକାରଙ୍କୁ ଘେରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ମନୁଷ୍ୟକୃତ ବନ୍ୟା ଯୋଗୁଁ ଗଞ୍ଜାମରେ ଲୋକଙ୍କ ଜୀବନ ଯାଇଛି । ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପୂର୍ବରୁ ଲିଖିତ ଭାବେ ଜଣାଯାଇଥିଲେ ମଧ୍ୟ ଏହା ଉପରେ ଆଲୋଚନା ହୋଇନଥିବା ସେ କହିଛନ୍ତି । ସରକାର ଜିରୋ କାଜୁଆଲିଟିର କଥା କହୁଥିବାବେଳେ ଲୋକଙ୍କ ମୃତ୍ୟୁ କେମିତି ହେଲା ବୋଲି ପ୍ରଶ୍ନ କରିଥିଲେ ପ୍ରମିଳା । ତେବେ ଶୀତ ଅଧିବେଶନର ପ୍ରଥମ ଦିନରୁ ଏଭଳି ହଟ୍ଟଗୋଳ ଆଗାମୀ ଦିନରେ ଗୃହକାର୍ଯ୍ୟକୁ କେତେ ସରଗରମ କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

କନିଷ୍ଠ ସହକାରୀ, କିରାଣୀ ପରୀକ୍ଷା ହେବ ୨୧ ଓ ୨୩ରେ

ଭୁବନେଶ୍ୱର,୧୮।୧୧: ବାତ୍ୟା ଅକଓ୍ୱାନର ସ୍ଥିତିକୁ ଦେଖି ରାଜ୍ୟରେ ହେବାକୁ ଥିବା ଷ୍ଟାଫ୍ ସିଲେକନ୍ସ ବୋର୍ଡ (ଏସ୍ଏସ୍ବି) ପକ୍ଷରୁ ହେବାକୁ ଥିବା କନିଷ୍ଠ ସହକାରୀ ଓ କନିଷ୍ଠ କିରାଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ବୁଧବାର ଏନେଇ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ବିଜ୍ଞାପନ ନଂ ୧/୨୦୨୬ ଅନୁସାରେ ନିର୍ଦ୍ଧାରିତ ଦିନରେ ହେବାକୁ ଥିବା ଏସ୍ଏସ୍ବି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏହା ପରିବର୍ତ୍ତେ ନଭେମ୍ବର ୨୧ ଓ ନଭେମ୍ବର ୨୩ରେ ପରୀକ୍ଷା ହେବ । ପରୀକ୍ଷାର୍ଥୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ସେହିଭଳି, ସିବିଟି ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ୨୫ ଓ ୨୬ ନଭେମ୍ବର ଏବଂ ୧ ଓ୨ ଡିସେମ୍ବର ୨୦୨୬ ରେ ଅନୁଷ୍ଠିତ ହେବ ।

ବାତ୍ୟା ମୁକାବିଲା, ସରକାର ପ୍ରସ୍ତୁତ

- ବରିଷ୍ଠ ପଦାଧିକାରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ
- ମୁଖ୍ୟମନ୍ତ୍ରୀ କଲେ ସମୀକ୍ଷା
- ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ
- ବର୍ତ୍ତମାନ ସୁଦ୍ଧା ୪୬ ହଜାର ସ୍ଥାନାନ୍ତରିତ

ଭୁବନେଶ୍ୱର,୧୮।୧୧: ବାତ୍ୟାର ଗତି ଓ ତୀବ୍ରତାକୁ ନେଇ ଭାରତୀୟ ପାଣିପାଗ ବିଭାଗର ଆକଳନ ବଦଳିବା ପରେ ସତର୍କତା ବଢ଼ାଇଛି ପ୍ରଶାସନ । ପୂର୍ବରୁ ଘଣ୍ଟାପ୍ରତି ୭୦ କିଲୋମିଟର ପବନ ବହିବା ଆକଳନ କରାଯାଇଥିବା ବେଳେ ଏବେ ଏହା ୯୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି । ଏଥିସହ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି । ସମ୍ଭାବ୍ୟ ବାତ୍ୟା ଅକଓ୍ୱାନକୁ ନେଇ ଲୋକେ ଭୟଭୀତ ନ ହେବାକୁ ଅପିଲ୍ କରିଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବାତ୍ୟା ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଜିଲ୍ଲାୱାରୀ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁକାବିଲା ବାବଦରେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି । ଶୂନ୍ ମୃତ୍ୟୁ (ଜିରୋ କାଜୁଆଲିଟି) ଉପରେ ଗୁରୁତ୍ୱ ଦିଆଯାଇଛି । ୪୬୮ଟି ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ କରାଯାଇଛି । ଆଉ ୩ ହଜାରରୁ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯିବ । ବର୍ତ୍ତମାନ ସୁଦ୍ଧା ୪୬ ହଜାର ୭୦୧ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗଞ୍ଜାମ ଜିଲାରେ ସର୍ବାଧିକ ୨୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଗତସିଂହପୁରରେ ୧୧ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଗଞ୍ଜାମ ଜିଲା ପାଇଁ ୫ କୋଟିର ଆଗୁଆ ସହାୟତା ଦିଆଯାଇଛି । ୧୫ ଜିଲ୍ଲାକୁ ବାତ୍ୟା ମୁକାବିଲା ପାଇଁ ୨୦ କୋଟିର ଆଗୁଆ ପାଣ୍ଠି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଏନଡିଆରଏଫ, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ମୁତୟନ କରାଯାଉଛି । ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲ୍ଲା ପ୍ରଶାସନଗୁଡ଼ିକ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି । ଆବଶ୍ୟକ ସ୍ଥଳେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ସହଯୋଗ ନେବାକୁ ମଧ୍ୟ ସମନ୍ୱୟ ରଖାଯାଇଛି । ବାତ୍ୟା ପ୍ରସ୍ତୁତିର ତଦାରଖ ପାଇଁ ୭ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

୧୮ରୁ ୨୨ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

୬ ଜିଲ୍ଲାରେ ୩ ଦିନ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି

ଭୁବନେଶ୍ୱର/ପୁରୀ,୧୮।୧୧: ସାମ୍ପ୍ରତିକ ବାତ୍ୟା ପରିସ୍ଥିତିରେ ରାଜ୍ୟରେ ଜରୁରୀକାଳୀନ ପ୍ରଶାସନିକ ଆବଶ୍ୟକତା ତଥା ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆସନ୍ତା ୧୮ରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ।ଏହି ଅବଧି ମଧ୍ୟରେ ଛୁଟିରେ ଥିବା ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ତୁରନ୍ତ ନିଜ ନିଜ କାର୍ଯ୍ୟସ୍ଥଳରେ ଯୋଗଦେବାକୁ କୁହାଯାଇଛି । ଏଥିସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଜ ନିଜ ଦାୟିତ୍ୱ ନିର୍ବାହରେ ସଜାଗ ଓ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା 'ଅକଓ୍ୱାନ'କୁ ଦୃଷ୍ଟିରେ ରଖି ରାଜ୍ୟର ୬ଟି ଜିଲ୍ଲାରେ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟ ସମେତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ । ଏହି ୬ ଜିଲ୍ଲା ହେଲା ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କନ୍ଧମାଳ । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ବାତ୍ୟାର ପ୍ରଭାବ ଓ ସ୍ଥାନୀୟ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ପଡ଼ିଲେ ୨୧ ନଭେମ୍ବର ପରେ ମଧ୍ୟ ଛୁଟି ଅବଧି ବୃଦ୍ଧି କରିବାକୁ ସମ୍ପୃକ୍ତ ୬ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ସ୍ଥାନୀୟ ପାଣିପାଗ ଓ ପରିସ୍ଥିତି ଉପରେ ନଜର ରଖି ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ସମ୍ପର୍କରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଏହି ନିର୍ଦ୍ଦେଶନାମା ସମସ୍ତ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ୪ ଦିନ ଦର୍ଶନ ବନ୍ଦ । ଅତ୍ୟଧିକ ବର୍ଷା ଆଶଙ୍କାରେ ୧୯ରୁ ୨୧ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ । ନିକଟସ୍ଥ ଶରଧାବାଲିରେ ମଧ୍ୟ ପ୍ରବେଶ ବନ୍ଦ ରଖାଯିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଜାରି ହୋଇଛି ।

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ କଲେ ମୁଖ୍ୟମନ୍ତ୍ରୀ

ଅତିରିକ୍ତ ବ୍ୟୟବରାଦ ୨୪,୧୫୦ କୋଟି



- ରାଜ୍ୟସ୍ତରୀୟ ଯୋଜନା ପାଇଁ ୧୪,୨୨୮କୋଟି
- ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ୮,୩୧୨ ଓ କେଜିଠାରୁ ପିଜି ଯୋଜନାରେ ୪୮୫ କୋଟି

ଭୁବନେଶ୍ୱର,୧୮।୧୧: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଏଥିପାଇଁ ମୋଟ ୨୪,୧୫୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି । ଏହା ମଧ୍ୟରେ ପ୍ରଶାସନିକ ବ୍ୟୟ ବାବଦକୁ ୧,୦୬୦ କୋଟି ଟଙ୍କା , କାର୍ଯ୍ୟକ୍ରମ ବ୍ୟୟ ୧୭,୯୯୦ ଏବଂ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦକୁ ୫,୧୦୦ କୋଟି ଟଙ୍କା ଅନ୍ତର୍ଭୁକ୍ତ । ରିଲିଫ ଏବଂ ଥଇଥାନ କାର୍ଯ୍ୟ ପାଇଁ ବିପର୍ଯ୍ୟୟ ବିପତ୍ତି ପ୍ରଶମନ ପାଣ୍ଠି ଅଧୀନରେ ୫୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୯୮.୪୯ କୋଟି ଟଙ୍କା ଏବଂ ଓଏଲଆଇସି ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତି ପାଇଁ ୬୯.୪୦ କୋଟି ଟଙ୍କା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକୀକୃତ ଦରମା ଭିତ୍ତିକ ପଦବୀ ନିମିତ୍ତ ବେତନ ପାଇଁ ୧୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପରୀକ୍ଷା ପରିଚାଳନା ପାଇଁ ୪୮ କୋଟି ଟଙ୍କା; ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ ଦ୍ୱାରା ପରୀକ୍ଷା ପରିଚାଳନା ପାଇଁ ୨୧.୯୫ କୋଟି ଟଙ୍କା; ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ୪ କୋଟି ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପାଇଁ ୨୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମ ବ୍ୟୟ ବର୍ଗ ମଧ୍ୟରେ ରାଜ୍ୟସ୍ତରୀୟ ଯୋଜନା ପାଇଁ ୧୪,୨୨୮ , କେନ୍ଦ୍ରପ୍ରବର୍ତ୍ତିତ ଯୋଜନା ବାବଦକୁ ୩୪୪୨ ଏବଂ କେନ୍ଦ୍ରୀୟସ୍ତରୀୟ ଯୋଜନା ୩୨୦ କୋଟି ଟଙ୍କା ଅତିରିକ୍ତ ବ୍ୟୟ ବରାଦ କରାଯାଇଛି । ନୂତନ ଯୋଜନା ମଧ୍ୟରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ୮୩୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସ୍ୱାତକୋତର ପର୍ଯ୍ୟନ୍ତ ମୁକ୍ତ ଶିକ୍ଷା ପାଇଁ ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି (କେଜି ଠାରୁ ପିଜି) ଯୋଜନା ଅଧୀନରେ ୪୮୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

ଏସଇଓସି କଣ୍ଟ୍ରୋଲ ରୁମ୍‌ରେ ମାରାଥନ୍ ସମୀକ୍ଷା

ଭୁବନେଶ୍ୱର,୧୮।୧୧: ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ଜରୁରୀ କାଳୀନ ପରିଚା

ପଞ୍ଚୁକ

କାହିଁକି ପାଳନ କରାଯାଏ ?

ଧାର୍ମିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ





ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସବୁଠାରୁ ପବିତ୍ର ଓ ଶ୍ରେଷ୍ଠ ମାସ ଭାବରେ ବିବେଚନା କରାଯାଏ। ଏହାକୁ ଧର୍ମମାସ ମଧ୍ୟ କୁହାଯାଏ। ଏହି ପବିତ୍ର କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ (ବଡ଼ ଏକାଦଶୀ) ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ପଞ୍ଚୁକ କୁହାଯାଏ। ଶାସ୍ତ୍ର ଓ ପୁରାଣରେ ଏହାକୁ ମହାପଞ୍ଚକ, ଭୀଷ୍ମପଞ୍ଚକ ଏବଂ ବିଷ୍ଣୁପଞ୍ଚକ ନାମରେ ମଧ୍ୟ ବର୍ଣ୍ଣନା କରାଯାଇଛି। ଓଡ଼ିଶାର ପୁରପଲ୍ଲୀରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ପଞ୍ଚୁକ ଅତ୍ୟନ୍ତ ଭକ୍ତି, ନିଷ୍ଠା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଥାଏ।

ପୌରାଣିକ ମହତ୍ତ୍ୱ:

ପଞ୍ଚୁକ ପାଳନ ପଛରେ ଗଭୀର ପୌରାଣିକ ତଥ୍ୟ ରହିଛି। ପଦ୍ମ ପୁରାଣ ଓ ସ୍କନ୍ଦ ପୁରାଣ ଅନୁସାରେ, କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଭଗବାନ ଶ୍ରୀବିଷ୍ଣୁ ଚାରି ମାସର ଯୋଗନିଦ୍ରାରୁ ଜାଗ୍ରତ ହୋଇଥାନ୍ତି, ତେଣୁ ଏହାକୁ ଦେବୋତ୍ଥାନ ଏକାଦଶୀ କୁହାଯାଏ। ଏହି ଦିନଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚ ଦିନ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କ ପୂଜା କଲେ ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଅନ୍ୟ ଏକ ପୌରାଣିକ କଥା ଅନୁସାରେ, ମହାଭାରତ ଯୁଦ୍ଧ ପରେ ଶରଶଯ୍ୟାରେ ଶାୟିତ ପିତାମହ ଭୀଷ୍ମ ଏହି ପାଞ୍ଚ ଦିନ ଧରି ପାଣ୍ଡବ ଓ ଭଗବାନ ଶ୍ରୀକୃଷ୍ଣଙ୍କୁ ରାଜଧର୍ମ, ମୋକ୍ଷଧର୍ମ ଓ ନୀତିଶିକ୍ଷା ପ୍ରଦାନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଏଥିରେ ପ୍ରସନ୍ନ ହୋଇ ଏହି ପାଞ୍ଚ ଦିନକୁ 'ଭୀଷ୍ମପଞ୍ଚକ' ନାମରେ ନାମିତ କରିଥିଲେ।



ପାଳନ ବିଧି ଓ ପରମ୍ପରା:

ଯେଉଁ ଶ୍ରଦ୍ଧାଳୁମାନେ ବ୍ୟସ୍ତବହୁଳ ଜୀବନ କିମ୍ବା ଶାରୀରିକ ଅସୁସ୍ଥତା କାରଣରୁ ସମ୍ପୂର୍ଣ୍ଣ କାର୍ତ୍ତିକ ମାସ ହବିଷ୍ୟ ବା ନିରାମିଷ ପାଳନ କରିପାରନ୍ତି ନାହିଁ, ସେମାନେ ଅତି କମ୍‌ରେ ଏହି ପଞ୍ଚୁକ ପାଞ୍ଚ ଦିନ କଠୋର ନିୟମ ପାଳନ କରନ୍ତି। ଏହି ସମୟରେ ଆମିଷ, ପିଆଜ, ରସୁଣ ଓ ମସୁର ଡାଲି ଆଦି ବର୍ଜନ କରି କେବଳ ସାତ୍ତ୍ୱିକ ହବିଷ୍ୟାନ୍ନ ଗ୍ରହଣ କରାଯାଏ। ପ୍ରତ୍ୟେକ ଦିନ ବ୍ରାହ୍ମମୁହୂର୍ତ୍ତରୁ ସ୍ନାନ ସାରି ଓଡ଼ିଆ ଘରର ମହିଳା ଓ ଝିଅମାନେ ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜରେ ସୁନ୍ଦର ଚିତା ପକାନ୍ତି। ଦେବୀ ବୃନ୍ଦାବତୀ, ରାଧା-ଦାମୋଦର ଓ ଶାଳଗ୍ରାମଙ୍କୁ ତୁଳସୀ ପତ୍ର, ଫୁଲ ଓ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଏ। ସନ୍ଧ୍ୟା ସମୟରେ ଚଉରା ମୂଳରେ ପ୍ରଦୀପ ପ୍ରଜ୍ୱଳନ ସହ ଆକାଶଦୀପ ଜଳାଯାଏ ଏବଂ ଶ୍ରୀମଦ୍ ଭଗବଦ୍ ଗୀତା ଓ ଭାଗବତ ପାଠ କରାଯାଏ। ଏହାଦ୍ୱାରା ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହେ ବୋଲି ବିଶ୍ୱାସ କରାଯାଏ।

ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ:

ପଞ୍ଚୁକ ଅବସରରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପାଞ୍ଚ ଦିନ ଧରି ପାଞ୍ଚଟି ଅତ୍ୟନ୍ତ ଆକର୍ଷଣୀୟ ଓ ଦୁର୍ଲଭ ବେଶ ଅନୁଷ୍ଠିତ ହୋଇଥାଏ:

ଏକାଦଶୀ: ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ ବେଶ)
ଦ୍ୱାଦଶୀ: ବାଙ୍କଚୂଡ଼ା ବେଶ (ବାମନ ବେଶ)
ତ୍ରୟୋଦଶୀ: ତ୍ରିବିକ୍ରମ ବେଶ (ଆଡ଼କିଆ ବେଶ)
ଚତୁର୍ଦ୍ଦଶୀ: ଲକ୍ଷ୍ମୀନୃସିଂହ ବେଶ (ଡାଳିକିଆ ବେଶ)
କାର୍ତ୍ତିକ ପୂର୍ଣ୍ଣିମା: ରାଜରାଜେଶ୍ୱର ବେଶ (ସୁନାବେଶ)

ଏହି ଦିବ୍ୟ ବେଶ ଦର୍ଶନ କରିବା ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହୋଇଥାଏ।

ବୋଇତ ବନ୍ଦାଣ ଓ ସାଂସ୍କୃତିକ ଗୁରୁତ୍ୱ:

ପଞ୍ଚୁକର ଅନ୍ତିମ ଦିନ ହେଉଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା। ଏହି ଦିନ ପ୍ରତ୍ୟୁଷରୁ ଓଡ଼ିଶାବାସୀ ନଦୀ, ପୁଷ୍କରିଣୀ ଓ ସମୁଦ୍ର କୂଳରେ ଏକତ୍ରିତ ହୋଇ କଦଳୀ ପାତୁଆ କିମ୍ବା ସୋଲରେ ତିଆରି ଡଙ୍ଗାରେ ପାନ, ଗୁଆ, ଦୀପ, ଧୂପ ଓ ଫୁଲ ଥୋଇ 'ଆ କା ମା ବୈ, ପାନ ଗୁଆ ଥୋଇ...' ଗୀତ ଗାନ କରି ବୋଇତ ବନ୍ଦାଣ କରନ୍ତି। ଏହା ପ୍ରାଚୀନ କଳିଙ୍ଗର ସାଧବ ପୁଅମାନଙ୍କର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରାଇଥାଏ।

ପଞ୍ଚୁକ କେବଳ ଏକ ଧାର୍ମିକ ପର୍ବ ବା ବ୍ରତ ନୁହେଁ, ବରଂ ଏହା ମନ ଓ ଶରୀରର ଶୁଦ୍ଧିକରଣ, ସଂଯମ ଏବଂ ଆଧ୍ୟାତ୍ମିକ ଚେତନାର ପର୍ବ। ଏହା ଓଡ଼ିଆ ଜାତିର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ଜଗନ୍ନାଥ ଚେତନାର ଏକ ଅନନ୍ୟ ପ୍ରତୀକ ଭାବରେ ଯୁଗ ଯୁଗ ଧରି ପାଳିତ ହୋଇଆସୁଛି। ଆପଣ ଏହି ରଚନାଟିକୁ ଅଧିକ ସରଳ ଭାଷାରେ ଚାହୁଁଛନ୍ତି କିମ୍ବା ଏଥିରେ ପଞ୍ଚୁକର ପୌରାଣିକ ବ୍ରତ କଥାକୁ ଆହୁରି ବିସ୍ତୃତ ଭାବରେ ଯୋଡ଼ିବାକୁ ଚାହୁଁଛନ୍ତି ? ମୁଁ ଆପଣଙ୍କ ଆବଶ୍ୟକତା ଅନୁସାରେ ଏହାକୁ ସଜାଡ଼ି ଦେଇପାରିବି।

ମୁଖ୍ୟ ପରମ୍ପରା ଓ ବିଧି

ଆମିଷ ବର୍ଜନ ଓ ହବିଷ୍ୟ:
ଯେଉଁମାନେ ସମ୍ପୂର୍ଣ୍ଣ କାର୍ତ୍ତିକ ମାସ ହବିଷ୍ୟ ବା ନିରାମିଷ ପାଳନ କରିପାରନ୍ତି ନାହିଁ, ସେମାନେ ଅତି କମ୍‌ରେ ଏହି ପାଞ୍ଚ ଦିନ ଆମିଷ, ପିଆଜ ଓ ରସୁଣ ବର୍ଜନ କରି ସାତ୍ତ୍ୱିକ ଭୋଜନ କରନ୍ତି।

ତୁଳସୀ ପୂଜା ଓ ମୁରୁଜ:
ପ୍ରତ୍ୟେକ ଓଡ଼ିଆ ଘରେ ପ୍ରତ୍ୟୁଷରୁ ସ୍ନାନ କରି ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଦେବୀ ବୃନ୍ଦାବତୀ ଓ ଲକ୍ଷ୍ମୀ-ନାରାୟଣଙ୍କୁ ପୂଜା କରାଯାଏ।

ବୋଇତ ବନ୍ଦାଣ:
ପଞ୍ଚୁକର ଅନ୍ତିମ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ସକାଳେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ନଦୀ ଓ ପୁଷ୍କରିଣୀରେ କଦଳୀ ପାତୁଆ ବା ସୋଲ ତିଆରି ଡଙ୍ଗା ଭସାଯାଏ।



ଅନନ୍ୟ ମହାପର୍ବ: ବଡ଼ଓଷା



ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ କାର୍ତ୍ତିକ ମାସ ହେଉଛି ଧର୍ମ, ଭକ୍ତି, ସଂଯମ ଓ ଆଧ୍ୟାତ୍ମିକ ଚେତନାର ମାସ। ଏହି ପବିତ୍ର ମାସରେ ପାଳିତ ହେଉଥିବା ବିଭିନ୍ନ ଧାର୍ମିକ ପର୍ବ ମଧ୍ୟରେ ବଡ଼ଓଷାର ସ୍ଥାନ ସ୍ୱତନ୍ତ୍ର ଓ ମହିମାମୟ। ଏହା କେବଳ ଏକ ଉପବାସ ବା ପୂଜାପର୍ବ ନୁହେଁ, ବରଂ ଓଡ଼ିଆ ଜନଜୀବନରେ ଶୈବ ଉପାସନା, ଲୋକବିଶ୍ୱାସ ଓ ପାରିବାରିକ ମଙ୍ଗଳକାମନାର ଏକ ଅନନ୍ୟ ପ୍ରତୀକ।

ପରମ୍ପରା ଅନୁଯାୟୀ କାର୍ତ୍ତିକ ମାସର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ବଡ଼ଓଷା ପାଳନ କରାଯାଏ। ଏହି ଦିନ ଭକ୍ତମାନେ ଦେବଦେବ ମହାଦେବଙ୍କୁ ଆରାଧନା କରି ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥାନ୍ତି। ବିଶେଷକରି ଶିବପୀଠ ଧବଳେଶ୍ୱରଙ୍କ ନିକଟରେ ଏହି ପର୍ବର ମହିମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଟକ ଜିଲ୍ଲାର ମହାନଦୀ ମଧ୍ୟସ୍ଥିତ ଧବଳେଶ୍ୱର ପୀଠରେ ବଡ଼ଓଷା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ପୀଠରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବା ସହ ଭକ୍ତମାନେ ନିଷ୍ଠାର ସହ ବ୍ରତ ପାଳନ କରନ୍ତି।



ବଡ଼ଓଷାର ଅନ୍ୟତମ ଆକର୍ଷଣ ହେଉଛି ପ୍ରସିଦ୍ଧ ଗଜଭୋଗ। ଏହା ଏକ ସ୍ୱତନ୍ତ୍ର ପାରମ୍ପରିକ ପ୍ରସାଦ। ଚାଉଳ ଗୁଣ୍ଡ, ଘିଅ, ନଡ଼ିଆ, ଛେନା ଓ ବିଭିନ୍ନ ସାମଗ୍ରୀରେ ଏହା ପ୍ରସ୍ତୁତ ହୋଇଥାଏ। ଏହି ଭୋଗର ସ୍ୱାଦ ଓ ପ୍ରସ୍ତୁତି ପଦ୍ଧତି ଧବଳେଶ୍ୱର ପୀଠର ଧାର୍ମିକ ପରିଚୟ ସହ ଜଡ଼ିତ।ବଡ଼ଓଷାର ପରବର୍ତ୍ତୀ ଦିନ ପ୍ରଭୁଙ୍କର ବିଶେଷ ନୀତିକାନ୍ତି ଓ ହରିହର ଭେଟ ପରମ୍ପରା ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ। ଏହା ଶୈବ ଓ ବୈଷ୍ଣବ ଧାରାର ସମନ୍ୱୟର ଏକ ସୁନ୍ଦର ପ୍ରତୀକ ଭାବେ ବିବେଚିତ। ବଡ଼ଓଷାରେ ବଡସିଂହାର ବେଶରେ ଧବଳେଶ୍ୱର ଦର୍ଶନ ଦେଇଥାନ୍ତି।

ପ୍ରାଚୀନ କାଳରୁ ଓଡ଼ିଶାର ଧର୍ମୀୟ ପରମ୍ପରାରେ ଉପବାସ, ବ୍ରତ ଓ ଦେବାରାଧନାର ଏକ ବିଶେଷ ସ୍ଥାନ ରହିଆସିଛି। ବଡ଼ଓଷା ମଧ୍ୟ ଏହି ପରମ୍ପରାର ଏକ ଅଂଶ। ଏହି ପର୍ବ ମାଧ୍ୟମରେ ପରିବାରର ବୟୋଜ୍ୟେଷ୍ଠମାନେ ପରବର୍ତ୍ତୀ ପିଢ଼ିକୁ ଧର୍ମୀୟ ଆଚାର, ନିଷ୍ଠା, ଶୃଙ୍ଖଳା ଓ ସଂସ୍କୃତିର ମହତ୍ତ୍ୱ ଶିଖାଇଥାନ୍ତି। ଆଜିର ଆଧୁନିକ ସମାଜରେ ମଣିଷ ଯେତେବେଳେ ଭୋଗବାଦ, ସ୍ୱାର୍ଥପରତା ଓ ମାନସିକ ଚାପ ମଧ୍ୟରେ ଜୀବନ ବିତାଉଛି, ସେତେବେଳେ ଏଭଳି ପର୍ବ ମଣିଷକୁ ଆତ୍ମସଂଯମ, ଧୈର୍ଯ୍ୟ, ସେବା ଓ ମାନବିକତାର ବାର୍ତ୍ତା ଦେଇଥାଏ। ଉପବାସର ପ୍ରକୃତ ଅର୍ଥ କେବଳ ଖାଦ୍ୟ ତ୍ୟାଗ ନୁହେଁ, ମନରୁ ହିଂସା, ଅହଂକାର, ଈର୍ଷା ଓ ଅସୂୟାକୁ ଦୂର କରିବା ମଧ୍ୟ।





ବଡ଼ଓଷା ଭଳି ପାରମ୍ପରିକ ପର୍ବ କେବଳ ମନ୍ଦିର ଭିତରେ ସୀମିତ ରହିବା ଉଚିତ ନୁହେଁ। ଏହାର ଐତିହାସିକ ପୃଷ୍ଠଭୂମି, ଲୋକକଥା, ପୂଜାବିଧି ଓ ପ୍ରସାଦ ପ୍ରସ୍ତୁତିର ପରମ୍ପରାକୁ ଲିପିବଦ୍ଧ କରି ଆଗାମୀ ପିଢ଼ି ପାଇଁ ସଂରକ୍ଷିତ କରିବା ଆବଶ୍ୟକ। ମନ୍ଦିର ପରିବେଶର ସ୍ୱଚ୍ଛତା, ନଦୀ ଓ ଜଳାଶୟର ସୁରକ୍ଷା, ଭକ୍ତମାନଙ୍କ ଶୃଙ୍ଖଳା ଏବଂ ସ୍ଥାନୀୟ ପରମ୍ପରାର ସମ୍ମାନ ମଧ୍ୟ ଆମର ନୈତିକ ଦାୟିତ୍ୱ।

କାର୍ତ୍ତିକ ଶ୍ରେଷ୍ଠ ବଡ଼ଓଷା ହେଉଛି ଆତ୍ମାର ଆଲୋକ, ଭକ୍ତିର ଭାବ ଓ ଓଡ଼ିଆ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ।

ବାବା ଧବଳେଶ୍ୱରଙ୍କ ଆଶୀର୍ବାଦ ଲାଭ ପାଇଁ ଭକ୍ତଙ୍କ ମନରେ ଯେଉଁ ଶ୍ରଦ୍ଧା ଓ ବିଶ୍ୱାସ ରହିଛି, ତାହା ଆମ ସଂସ୍କୃତିର ଗଭୀରତାକୁ ପ୍ରତିପାଦିତ କରେ। ଧର୍ମର ପ୍ରକୃତ ଉଦ୍ଦେଶ୍ୟ ମଣିଷକୁ ମଣିଷ ସହ ଯୋଡ଼ିବା, ସମାଜରେ ସଦ୍‌ଭାବ ଓ ଶାନ୍ତି ପ୍ରତିଷ୍ଠା କରିବା। ତେଣୁ ବଡ଼ଓଷା କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଜାତିର ଧାର୍ମିକ ଚେତନା ଓ ସାଂସ୍କୃତିକ ଅସ୍ମିତାର ଏକ ଅନନ୍ୟ ପରିଚୟ।

-କୈଳାଶ ଚନ୍ଦ୍ର ପଟ୍ଟନାୟକ
କୃଷ୍ଣପ୍ରସାଦ, ପୁରୀ
ମୋ:୯୯୩୬୪୩୩୧୬

କାହିଁକି ପାଳନ କରାଯାଏ କାର୍ତ୍ତିକ ପୂର୍ଣ୍ଣିମା?

ହିନ୍ଦୁ ଧର୍ମରେ କାର୍ତ୍ତିକ ପୂର୍ଣ୍ଣିମାର ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି। କାର୍ତ୍ତିକ ମାସର ଶେଷ ଦିନରେ ପାଳିତ ହେଉଥିବା ଏହି ପର୍ବକୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ। ଏହି ଦିନ ପବିତ୍ର ନଦୀରେ ସ୍ନାନ, ଦାନ ଓ ଦୀପଦାନ କରିବାର ପରମ୍ପରା ରହିଛି। ଓଡ଼ିଶାରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ତେବେ ୨୦୨୬ରେ ନଭେମ୍ବର ୨୩ ନା ୨୪ ତାରିଖରେ ପାଳନ ହେବ ଏହି ପର୍ବ ?

କେବେ ପାଳନ ହେବ ?

ପଞ୍ଜିକା ଅନୁସାରେ, ୨୦୨୬ ନଭେମ୍ବର ୨୩ ତାରିଖ ରାତି ୧୧ଟା ୪୨ ମିନିଟ୍‌ରେ ପୂର୍ଣ୍ଣିମା ତିଥି ଆରମ୍ଭ ହେବ। ଏହା ନଭେମ୍ବର ୨୪ ତାରିଖ ରାତି ୮ଟା ୨୩ ମିନିଟ୍‌ରେ ଶେଷ ହେବ। ଉଦୟ ତିଥି ଅନୁସାରେ, ନଭେମ୍ବର ୨୪ ତାରିଖ, ମଙ୍ଗଳବାର ଦିନ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯିବ।

ଦୀପଦାନର ଶୁଭ ମୁହୂର୍ତ୍ତ

କାର୍ତ୍ତିକ ପୂର୍ଣ୍ଣିମାରେ ପବିତ୍ର ନଦୀରେ ସ୍ନାନ ଓ ଦାନ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ବ୍ରାହ୍ମ ମୁହୂର୍ତ୍ତ ସକାଳ ୫ଟା ୦୩ ମିନିଟ୍‌ରୁ ୫ଟା ୫୭ ମିନିଟ୍ ପର୍ଯ୍ୟନ୍ତ ରହିବ। ସେହିପରି ଦୀପଦାନ ପାଇଁ ସନ୍ଧ୍ୟା ୫ଟା ୦୮ ମିନିଟ୍‌ରୁ ୭ଟା ୪୭ ମିନିଟ୍ ପର୍ଯ୍ୟନ୍ତ ଶୁଭ ସମୟ ରହିଛି। ଚନ୍ଦ୍ରୋଦୟ ସମୟ ସନ୍ଧ୍ୟା ୫ଟା ୦୧ ମିନିଟ୍।

କାହିଁକି ପାଳନ ହୁଏ ?

ପୌରାଣିକ ମାନ୍ୟତା ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁର ନାମକ ଅସୁରକୁ ବଧ କରିଥିଲେ। ଏହି ବିଜୟର ଖୁସିରେ ଦେବତାମାନେ ଦୀପ ଜାଳି ଉତ୍ସବ ପାଳନ କରିଥିଲେ। ଏହି କାରଣରୁ ଏହି ଦିନକୁ ଦେବ ଦୀପାବଳି ଏବଂ ତ୍ରିପୁରାରୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ବାରାଣସୀର ଗଙ୍ଗାଘାଟରେ ଏହି ଦିନ ହଜାର ହଜାର ଦୀପ ପ୍ରଜ୍ୱଳନ କରାଯାଇଥାଏ।





ଓଡ଼ିଶାରେ ଏହି ଦିନର ଆଉ ଏକ ବିଶେଷ ଆକର୍ଷଣ ହେଉଛି ବୋଇତ ବନ୍ଦାଣ। ପ୍ରାଚୀନ କାଳରେ ସାଧବମାନେ ବାଣିଜ୍ୟ ପାଇଁ ସମୁଦ୍ର ପଥରେ ବିଦେଶ ଯାତ୍ରା କରୁଥିବା ସ୍ମୃତିରେ ଲୋକେ ନଦୀ, ପୋଖରୀ ଓ ଜଳାଶୟରେ ଡଙ୍ଗା ଭସାଇଥାନ୍ତି। ଏହି ପର୍ବ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ସଂସ୍କୃତିର ପରିଚୟ ବହନ କରେ।

୨୨ ରୁ ଉତ୍କଳ ସାଂସ୍କୃତିକ ପରିଷଦର ୩୬ ତମ ବୋଇତ ବନ୍ଦାଣ ଉତ୍ସବ

ରାଉରକେଲା,(ନିପ୍ର): ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦର ୩୬ ତମ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ତରଫରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏନେଇ ଆଜି ସେକ୍ଟର ୨ ଦୁର୍ଗା ପୂଜା ପଡ଼ିଆ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ସୁନୀଲ କାୟଲ,ସଭାପତି ରଶ୍ମିତ ସାହାଣୀ, ସମ୍ପାଦକ ଶଙ୍କର ଜେନା , ବିଶ୍ୱରଂଜନ ବେହୁରା,ପ୍ରମୁଖ ଉପସ୍ଥିତ ସାମ୍ବାଦିକଙ୍କୁ ସୂଚନା ଦେଇ କହିଲେ ଯେ ଦୀର୍ଘ ୩୫ ବର୍ଷ ବୋଇତ ବନ୍ଦାଣ ଉତ୍ସବ ପାଳନ ପରେ ଚଳିତ ବର୍ଷ ୩୬ ତମ ବୋଇତ ବନ୍ଦାଣ ଉତ୍ସବ ପାଳନ କରିବାକୁ ଯାଉଛି । ଆସନ୍ତା ୨୨ ତାରିଖ ରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଲିଉଡର ନାୟିକା ପ୍ରିୟଙ୍କା, ପଶ୍ଚିମ ଓଡ଼ିଶା କଣ୍ଠଶିଳ୍ପୀ ନୀଲ ସାଗର, ସ୍ମିତା ପଣ୍ଡା ଓ ଆଟ୍ରାକ୍ସନ ଲାଇଭ ବ୍ୟାଣ୍ଡ ଓ ୨୩ ତାରିଖ ଦିନ ବଲିଉଡ୍ କଣ୍ଠଶିଳ୍ପୀ ପାମେଲା ଜୈନ୍, ଏମ୍ ଡି ନାସିର,କେଡି କୁଲଦୀପ,ସିନେ ଅଭିନେତ୍ରୀ ଦେବସ୍ମିତା ଓ କଟକର ନିୟୁ ଗୀତ୍ ସାଗର ମନୋରଞ୍ଜନ କାର୍ଯ୍ୟକ୍ରମରେ ଦର୍ଶକଙ୍କୁ ସମ୍ମୋହିତ କରିବେ। ସେହିପରି ଏହି ଦୁଇ ଦିନରେ ଅତିଥି ଭାବେ ରଘୁନାଥପାଲୀ ବିଧାୟକ ତଥା ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟି ର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ, ପ୍ରାକ୍ତନ ମନ୍ତ୍ରୀ ପ୍ରତାପ କୁମାର ଦେଓ, ସମାଜସେବୀ ପ୍ରଫୁଲ୍ଲ ସୁନ୍ୟାନୀ, ଇଂ ଯଶୋସିନୀ ମିଶ୍ର, ଇଂ ରୋହିତ ପୂଜାରୀ, ପ୍ରାକ୍ତନ ବିଧାୟକ ସୁଧୀର ସାମଲ,ସିଜିଏମ ହୀରାଲାଲ ମହାପାତ୍ର, ସିଜିଏମ ତପନ ଜି କାନେକର ପ୍ରମୁଖ ଯୋଗଦେବେ।

ବ୍ଲକସ୍ତରୀୟ ନିଯୁକ୍ତି ଶିବିର

ବଡ଼ସାହି,(ନିପ୍ର):ବଡ଼ସାହି ବ୍ଲକ ପରିସରରେ ବେକାରୀ ଯୁବକ ଓ ଯୁବତୀଙ୍କୁ ନେଇ ନିଯୁକ୍ତି ଭିତ୍ତିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଯୋଜନା ମୁତାବକ ୧୮ରୁ ୩୫ବର୍ଷରୁ କମ ବେରୋଜକାରୀ ଯୁବକ ଯୁବତୀ ମାନଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ସରକାର ମୟୁରଭଞ୍ଜ ଜିଲ୍ଲା ବାରିପଦାରେ ବଳରାମ ପଣ୍ଡା ଟ୍ରଷ୍ଟ ଆନୁକୂଲ୍ୟରେ ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି ।ଏହି ପ୍ରଶିକ୍ଷିଣ କେନ୍ଦ୍ରରେ କମ୍ପୁଟର ଶିକ୍ଷା, ସବସ୍କିଲ,ଇଂରାଜୀ ଶିକ୍ଷା ଏବଂ ସିଲେଇ ମେସିନ ପ୍ରଶିକ୍ଷଣ ଦିଆଯାଏ। ୫ମରୁ ପାସ,+୩ ପାସ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ତାଲିମ ନେଇ ନିଯୁକ୍ତି ପାଇବାର ସୁଯୋଗ ସୃଷ୍ଟି କରି ନିଜେ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ବ୍ଲକ ପ୍ରୋଜେକ୍ଟ ମେନେଜର ମାନସ ରଞ୍ଜନ ବେହେରା ପ୍ରକାଶ କରିଥିଲେ। ନିଯୁକ୍ତି ପାଇବା ପରେ ସରକାର ଦ୍ୱାରା ଏକ ପିପିଏସ ଫଣ୍ଡ, ଏପିଏଫ ଫଣ୍ଡ, ଇଏସାଇସି ପ୍ରଭୁତି ଫଣ୍ଡର ଲାଭ ଉଠାଇ ପାରିବେ ବୋଲି ବଳରାମ ପଣ୍ଡା ଟ୍ରଷ୍ଟର ସେଣ୍ଟର ମେନେଜର ପ୍ରଦୀପ ନାଏକ ପ୍ରକାଶ କରିଥିଲେ ।ଜିଲ୍ଲା କଡିନେଟର ମାନସ ପାଣି ଉପସ୍ଥିତ ରହି ଗ୍ରାମଞ୍ଚଳ ବେକାରୀ ପିଲାମାନେ କିଭଳି ନିଜର ଭବିଷ୍ୟତ ଉଜ୍ଜଳ କରି ନିଜ ପରିବାର ପ୍ରତୀପଶଣ ସହିତ ଉତ୍ତର ତ ଉର୍ନ୍ନତି କରିପାରିବେ ସେ ଦିଗରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ ଯୋଗ ଦେଇ ଶିବିରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାରେ ଥିବା ବଳରାମ ପଣ୍ଡା ଟ୍ରଷ୍ଟ ଆନୁକୂଲ୍ୟରେ ହେଉଥିବା ତାଲିମ କେନ୍ଦ୍ରରେ ତାଲିମ ନେଇ ନିଜର ଭବିଷ୍ୟତ କିଭଳି ଉଜ୍ଜଳ କରି ପାରବ ସେ ଦିଗରେ ଆଲୋକପାତ କରିଥିଲେ ।

ନୂତନ ବ୍ଲକ ଘୋଷଣା ରମ୍ଭାକୁ ସାମିଲ ପାଇଁ ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ରମ୍ଭା(ନିପ୍ର): ଐତିହାସିକ, ପର୍ଯ୍ୟଟନ, ପ୍ରଥମ ଉତ୍କଳ ସମ୍ମିଳନୀ ଗଠନର ଭିତିଭୂମି ଏନ୍ତୁଡ଼ିଶାଳ ରମ୍ଭା ଅଟେ। ଜନସଂଖ୍ୟା ୨୦ହଜାର ପାଖାପାଖି, ୧୨ ଟି ପଂଚାୟତ ୨କି.ମି ରୁ ୫କି. ମି ଭିତରେ ଏହି ସହରରେ ନିର୍ଭରଶିଳ ଅଟେ। ତେଣୁ ସେହି ଦୃଷ୍ଟିରୁ ଲୋକଙ୍କ ସୁବିଧା ପାଇଁ ରମ୍ଭାକୁ ବ୍ଲକ ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଯଥାର୍ଥ ବୋଲି ମନେ କରୁଛନ୍ତି ।ଏହି ପରିପ୍ରେକ୍ଷୀରେ ବରିଷ୍ଠ ବିଜେପି ନେତା ଓ ରାଜ୍ୟ ସ୍ୱଚ୍ଛଭାରତ ପ୍ରମୁଖ ସଭାପତି ମହେଶ ଚନ୍ଦ୍ର ମହାନ୍ତି, ରାଜ୍ୟ ମତ୍ସ୍ୟଜୀବୀ ନେତା ତଥା ସମାଜସେବୀ ଭୀମସେନ ବେହେରା ପଞ୍ଚାୟତରାଜ ରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ପୋଲିସ ଥାନାକୁ ଉପରୋକ୍ତ ପଞ୍ଚାୟତ ସମସ୍ତ ଅନ୍ତର୍ଭୁକ୍ତ ଅଟେ। ସାନରାମଚନ୍ଦ୍ରପୁର, ଝାରେଡି ରାଧାଗୋବିନ୍ଦପୁର, ରାମଗଡ଼, ସୁବଳୟା, କନକା ଓ ସାବୁଲିଆ ପ୍ରମୁଖ ପଂଚାୟତ ମାନ ରମ୍ଭା ସହରକୁ ନିର୍ଭର କରି ଚଳୁଛନ୍ତି।

କାର୍ଯ୍ୟଧାରାକୁ ନେଇ ଚର୍ଚ୍ଚାରେ କେନ୍ଦ୍ରାପଡ଼ା ପୌରାଧକ୍ଷା

କେନ୍ଦ୍ରାପଡ଼ା (ନିପ୍ର): ଲୋକଙ୍କ ସମସ୍ୟାକୁ ବୁଝିବା, ସହରର ବିକାଶ ପାଇଁ ଉଦ୍ୟମ କରିବା ନେଇ ଚର୍ଚ୍ଚାରେ ଏବେ ରହିଛନ୍ତି କେନ୍ଦ୍ରାପଡ଼ା ପୌରପାଳିକାର ପୌରାଧକ୍ଷା ସରିତା ସାହୁ। ଦାୟିତ୍ୱ ଗ୍ରହଣ କରିବାର ସାଢ଼େ ଚାରି ବର୍ଷର ଯାତ୍ରା ମଧ୍ୟରେ ସହରର ବିଭିନ୍ନ ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ସେ ପ୍ରଶଂସିତ ହୋଇଛନ୍ତି। କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜାକୁ ପ୍ଲାଷ୍ଟିକମୁକ୍ତ କରିବା ଦିଗରେ ପଦକ୍ଷେପ, ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା, ଏଭଳି ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଉଦ୍ୟମକୁ ପ୍ରଶଂସା କରାଯାଇଛି।

୬୧ ବର୍ଷରେ ପଦାର୍ପଣ କଲା ପ୍ରାଚୀ ଉପତ୍ୟକାର ଅଁଳା ପୀଠ

ସୁରକ୍ଷା ଓ ସଂରକ୍ଷଣ ପାଇଁ ଗ୍ରାମବାସୀଙ୍କ ଦାବି



କାକଟପୁର,(ନିପ୍ର): ପ୍ରାଚୀନ ସଂସ୍କୃତି, ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ଅନନ୍ୟ ପରିଚୟ ବହନ କରୁଥିବା ପ୍ରାଚୀ ଉପତ୍ୟକାରେ ଅବସ୍ଥିତ ଅଁଳା ପୀଠ ଏବେ ଅସ୍ତିତ୍ୱ ସଂକଟର ସମ୍ମୁଖୀନ ହୋଇଛି । ଦୀର୍ଘ ୬୧ ବର୍ଷ ଧରି ଏହି ପୀଠରେ ପୂଜା ପାଇ ଆସୁଥିବା ପବିତ୍ର ଅଁଳା ଗଛ ଏବେ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଏହାର ସୁରକ୍ଷା ଓ ସଂରକ୍ଷଣକୁ ନେଇ ଏହାର ତତ୍ୱାବଧାରକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । କାକଟପୁର ଅଞ୍ଚଳ ଦେଇ ପ୍ରବାହିତ ପବିତ୍ର ପ୍ରାଚୀ ନଦୀର ଅବବାହିକାରେ ରହିଥିବା ଏହି ପୀଠ ଦୀର୍ଘ ବର୍ଷ ଧରି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ହୋଇ ରହିଛି । ବିଶେଷକରି ଅଁଳା ନବମୀ ଅବସରରେ ଏଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ଅଖଣ୍ଡ ନାମଯଜ୍ଞ ଓ ପୂଜାର୍ଚ୍ଚନା ସହିତ ୭ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନସାଧାରଣ ଏକାଠି ହୋଇ ପ୍ରସାଦ ସେବନ କରିଥାନ୍ତି । ତେବେ ମା' ମଙ୍ଗଳା ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଏବେ ଏହି ପୀଠର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକଳ୍ପ କାର୍ଯ୍ୟ ପରିସରରେ ଉକ୍ତ ଅଁଳା ପୀଠର ବେଢ଼ା ଆସୁଥିବାରୁ ଏହାକୁ ଭାଙ୍ଗିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି ହୋଇଥିବା ଜଣାପଡ଼ିଛି । ଏହାକୁ ନେଇ ପୀଠର ତତ୍ୱାବଧାରକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ବିରୋଧ ଦେଖାଦେଇଛି । ଗ୍ରାମବାସୀଙ୍କ ମତରେ, ଉନ୍ନତିକରଣ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଦୀର୍ଘ ପାଞ୍ଚ ଦଶନ୍ଧିର ଧାର୍ମିକ ପରମ୍ପରା ଓ ଜନଆସ୍ଥା ସହ ଜଡ଼ିତ ଏକ ପୀଠର ଅସ୍ତିତ୍ୱକୁ ବିଲୁପ୍ତ କରିଦିଆଯିବ । ବିକାଶ ଓ ଐତିହ୍ୟ ପରସ୍ପରର ପରିପୂରକ ହେବା ଉଚିତ । ତେଣୁ ଅଁଳା ପୀଠର ବେଢ଼ାକୁ ଅକ୍ଷୁଣ୍ଣ ରଖି ବିକଳ୍ପ ଯୋଜନା ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ ତତ୍ୱାବଧାରକ ମଙ୍ଗଳା ପ୍ରସାଦ ନାୟକ ଓ ଗ୍ରାମବାସୀ ମାନେ ଦୃଢ଼ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଜନସାଧାରଣଙ୍କ ଭାବାବେଗକୁ ଗୁରୁତ୍ୱ ଦେବା ସହ ଅଁଳା ପୀଠର ଐତିହାସିକ ଓ ଧାର୍ମିକ ମହତ୍ତ୍ୱକୁ ବିଚାରକୁ ନେବା ଆବଶ୍ୟକ । ଅଁଳା ଗଛର ସୁରକ୍ଷା, ପୀଠର ସଂରକ୍ଷଣ ଏବଂ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଏକପଟେ ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ, ଅନ୍ୟପଟେ ଦୀର୍ଘ ୬୧ ବର୍ଷର ଧାର୍ମିକ ପରମ୍ପରା ମଧ୍ୟ ସୁରକ୍ଷିତ ରହିପାରିବ । ଏବେ ଏହି ପୀଠର ଭବିଷ୍ୟତ କେଉଁ ଦିଗକୁ ଗତି କରୁଛି, ତାହା ଉପରେ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କ ନଜର ରହିଛି ।

ଅଁଳା ନବମୀ କାର୍ଯ୍ୟକ୍ରମକୁ ଟିଭିରେ ଦେଖିଲେ ହବିଷ୍ୟାଳି

ପୁରୀ,(ନିପ୍ର) ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସାକ୍ଷୀ ଗୋପାଳ ମନ୍ଦିରରେ ହେଉଥିବା ଅଁଳା ନବମୀ କାର୍ଯ୍ୟକ୍ରମକୁ ଦେଖିଛନ୍ତି ହଜାର ହଜାର ହବିଷ୍ୟାଳି ମା । ଅଁଳା ନବମୀ ତିଥିରେ ସାକ୍ଷୀ ଗୋପାଳ ମନ୍ଦିରରେ ଶ୍ରୀଗୋପୀନାଥଙ୍କ ସହ ଶ୍ରୀରାଧାରାଣୀଙ୍କ ଦର୍ଶନ ହଜାର ହଜାର ଶ୍ରଦ୍ଧାଳୁ କରିଥାନ୍ତି । ସାକ୍ଷୀ ଗୋପାଳ ନିକଟ ପୁରୀ ର ୩ ଗୋଟି କେନ୍ଦ୍ରରେ ହବିଷ୍ୟାଳି ମାମାନେ ରହୁଥିବାରୁ ସେମାନେ ଅଁଳା ନବମୀ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ଓ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ଏହି ବ୍ୟବସ୍ଥା ପାଇଁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହାର କାର୍ଯ୍ୟକାରିତା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମା'ମାନଙ୍କ ଖୁସି ହିଁ ସର୍ବୋତ୍ତମ ।ଏହାକୁ ପ୍ରାଥମିକତା ଦେଇ ଗତବର୍ଷ ପରି ଅଁଳା ନବମୀର ସିଧାସଳଖ ପ୍ରସାରଣ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହି ଆଧାରରେ ଅଁଳା ନବମୀ ତିଥିରେ ଅଁଳା ବୃକ୍ଷ ପୂଜନ,ଅନ୍ୟାନ୍ୟ ପୂଜାର୍ଚ୍ଚନା, ଭକ୍ତମାନଙ୍କ ମନ୍ଦିର ପ୍ରବେଶର ଦୃଶ୍ୟ ଇତ୍ୟାଦିକୁ ସ୍ୱତନ୍ତ୍ର କ୍ୟାମେରା ମାଧ୍ୟମରେ ମନ୍ଦିର ବାହାରୁ ରେକର୍ଡିଂ କରି ପ୍ରଦର୍ଶିତ ହୋଇଥିଲା । ଅଁଳା ନବମୀର ଐତିହ୍ୟ, ଆଧ୍ୟାତ୍ମିକ ତଥ୍ୟ, ଭାବଧାରା ଇତ୍ୟାଦିକୁ ମଧ୍ୟ ବିଦ୍ୱାନ ପ୍ରବଚକଙ୍କ ପ୍ରବଚନ ଆଧାରରେ ପରିବେଷଣ କରାଯାଇଥିଲା । ଏହାର ସିଧାସଳଖ ପ୍ରସାରଣ ସହ ବୃନ୍ଦାବତୀ ନିବାସ,ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷ୍ୟାଳି କେନ୍ଦ୍ରଗୁଡ଼ିକରେ ବଡ ଏଲଇଡି ଟିଭି ମାଧ୍ୟମରେ ସାକ୍ଷୀ ଗୋପାଳ ମନ୍ଦିର ନିକଟରୁ ସିଧାସଳଖ ପ୍ରସାରଣ କରାଯାଇଥିଲା ।ଏହାର ଲିଙ୍କ୍ ମାଧ୍ୟମରେ ସାର୍ବଜନୀନ କରାଯାଇଥିଲା ଫଳରେ ଏହି ଦୃଶ୍ୟକୁ ଅଧିକରୁ ଅଧିକ ଲୋକ ଦେଖି ପାରିଥିଲେ । ହବିଷ୍ୟାଳିମାନେ ଏହାକୁ ଦେଖିବା ସହ ଆନନ୍ଦ ପ୍ରକାଶ କରି ହୁଳହୁଳି ଧ୍ୱନି ଦେଇଥିଲେ ।

ସୁନ୍ଦରପଦା ଓ କପିଳ ପ୍ରସାଦରେ ସଁବାଳୁଆ ଆତଙ୍କ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରସ୍ଥ ୱାର୍ଡ ନଂ. ୬୭ରେ ସୁନ୍ଦରପଦା ଓ କପିଳ ପ୍ରସାଦ ଅବସ୍ଥିତ । ଏହି ଅଞ୍ଚଳରେ ଥିବା ଚାଷଜମିରୁ ବହୁ ମାତ୍ରାରେ ପଡିଆ ପଡିଛି । ଥରକୁ ଥର କୃଷି ବିଭାଗକୁ ଏବାବଦରେ ଅବଗତ କରାଗଲେ ମଧ୍ୟ କୃଷି ବିଭାଗ ଶୁଣି ନଶୁଣିବା ପରି ରହିଛନ୍ତି । କୃଷି ପାଇଁ କେତେକ ଯୁବକ ଆଗ୍ରହୀ ଥିଲେ ମଧ୍ୟ ସରକାରଙ୍କର ସାହାଯ୍ୟ ନ ପାଇ ମନ ମାରି ପଡି ରହିଛନ୍ତି । ସେହି ପଡିଆ ଜମିରେ ଦଳ ଓ ଅନ୍ୟାନ୍ୟ ଗଛ ଏତେ ପରିମାଣର ହୋଇଛି ଯେ, ସେଥିରୁ ସଁବାଳୁଆର ସୃଷ୍ଟି ହୋଇଛି । ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ସେହି ସଁବାଳୁଆ ସକାଳ ଛଅଟାରୁ ନଅଟା, ସନ୍ଧ୍ୟା ଚାରିଟାରୁ ଛଅଟା ମଧ୍ୟରେ ଜମିରୁ ବହୁ ସଂଖ୍ୟାରେ ଆସି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କବି ଜେନା, ପରେଶ କୁମାର ମିଶ୍ର, ତ୍ରିଲୋଚନ ମିଶ୍ର, ନୀଳମଣି ମିଶ୍ର, ଲିଙ୍ଗରାଜ ମିଶ୍ର, ଦେବେନ୍ଦ୍ର ନନ୍ଦ,ଶ୍ୟାମ ନନ୍ଦ, ସୁନୀଲ କୁମାର ନନ୍ଦ, ମହେଶ୍ୱର ରଥ, ବାଦ୍ ପୃଷ୍ଟି, କେଳୁ ପ୍ରଧାନ ଏବଂ ଜମି ପାଖାପାଖି ଅନେକଙ୍କ ଘରକୁ ଦିନଠାରୁ ରାତି ପର୍ଯ୍ୟନ୍ତ ଶହଶହ ସଂଖ୍ୟାରେ ମାଡ଼ି ଆସୁଛନ୍ତି । ଏହାର ପ୍ରତିକାର ନିମନ୍ତେ ବ୍ଲିଚିଂ ପାଉଡର, ଫିନାଇଲ୍, ଗାମାକସିନ୍, କୀଟନାଶକ ଔଷଧ ପକାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଅନ୍ୟପକ୍ଷରେ ଛୋଟ ପିଲା ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ ଏହାକୁ ବାରଣ ପାଇଁ ଅତିଷ୍ଠ ହୋଇଗଲେଣି । ପାଣି ଓ ଖାଦ୍ୟ ପଦାର୍ଥ ଜଗି ରଖିବା କାଠିକର ପାଠ ହେଉଛି । ଯୁଦ୍ଧକାଳୀନ ଭିତ୍ତିରେ ଏହାର ପ୍ରତିକାର ନିମନ୍ତେ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନାଳମଣି ମିଶ୍ର ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି ।

ରାଷ୍ଟ୍ରପତିଙ୍କ କଟକ ଗସ୍ତ ଲାଗି ପ୍ରଶାସନର ଜୋର୍‌ଦାର ପ୍ରସ୍ତୁତି

ସଜେଇ ହେଉଛି ବାଲିଯାତ୍ରା ପଡ଼ିଆ

କଟକ(ନିପ୍ର): କଟକ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଚାଲୁଛି । ବାଲିଯାତ୍ରା ସଭାସ୍ଥଳକୁ ରାଷ୍ଟ୍ରପତି ଜଳପଥରେ ଆସିବାର କାର୍ଯ୍ୟକ୍ରମ ଥିବାରୁ ମହାନଦୀ ଜଳପଥକୁ ପରିଷ୍କାର କରାଯାଉଛି । ଏହାର ଦାୟିତ୍ୱ ନେଇଛି ଓଡ଼ିଶା ୟାଚିଂ ଆସୋସିଏସନ୍। ଏନେଇ ଆରମ୍ଭ ହୋଇଛି ପ୍ରକ୍ରିୟା। ୪୦ ଏକ୍ସପର୍ଟ ସେଲର୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏଥିସହ ମହାନଦୀର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ବ୍ୟାରିକେଡ୍ ହୋଇଛି । ପ୍ରତି ବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀରେ ଲୋକମାନେ ଡଙ୍ଗା ଭସାନ୍ତି । ଚଳିତବର୍ଷ ରାଷ୍ଟ୍ରପତି ମହାନଦୀ ଜଳପଥ ଦେଇ ବାଲିଯାତ୍ରା ସଭାମଞ୍ଚକୁ ଆସିବେ। ତେଣୁ ରାଷ୍ଟ୍ରପତି ଆସିବା ସମୟରେ ମହାନଦୀ ଜଳ କିଭଳି ପରିଷ୍କାର ରହିବ ସେଥିପାଇଁ ଚିଦାନନ୍ଦ ଘାଟ ଓ ସିଲଭର ସିଟି ବୋଟ୍ କ୍ଲବ୍ ଠାରେ ଦୁଇଟି ବ୍ୟାରିକେଡ୍ କରାଯାଇଛି । ଏଥିସହ ନେଟ୍ ଫେନ୍ସିଂ କରାଯାଇଛି । ଏହାଦ୍ୱାରା ଲୋକେ ଭସାଉଥିବା ଡଙ୍ଗା ଗୁଡ଼ିକ ନଦୀ ଭିତରକୁ ନଯାଇ ଅଟକି ରହିବ। ପରେ ଏହାକୁ ଏକ୍ସପର୍ଟ ସେଲରମାନଙ୍କ ଦ୍ୱାରା ନଦୀରୁ କଢ଼ାଯାଇ ବାହାରକୁ ଅଣାଯାଇପାରିବ ବୋଲି କହିଛନ୍ତି ଅନ୍ତର୍ଜାତୀୟ ସ୍ୱିମ୍ବା ଡାଇଭର ସବୀର ବକ୍ସ। ମହାନଦୀ ଜଳରାଶିରେ ଯେଉଁ ରୁଟ୍ ଦେଇ ରାଷ୍ଟ୍ରପତି ବାଲିଯାତ୍ରା ପଡ଼ିଆ ମଧ୍ୟକୁ ଆସିବେ ତାହା ସମ୍ପୂର୍ଣ୍ଣ ପରିଷ୍କାର ରଖିବାକୁ ଲକ୍ଷ୍ୟ ରହିଛି । କେବଳ ରାଷ୍ଟ୍ରପତି କାହିଁକି ଏହି ଜଳରାଶି ରୁଟ୍ ଦେଇ ରାଷ୍ଟ୍ରପତିଙ୍କ ସହ ଅନ୍ୟ ଅତିଥି ଓ ଇଣ୍ଡୋନେସିଆ ପ୍ରତିନିଧିମାନେ ମଧ୍ୟ ଆସିବେ। ତେଣୁ ଅପରିଷ୍କାର ମହାନଦୀ ଅତିଥିମାନେ କିଭଳି ନ ଦେଖିବେ ସେଥିପାଇଁ ଏହି ଯୋଜନା ହୋଇଛି । ଡଙ୍ଗା ଭସା ପରେ ମହାନଦୀ ଜଳରାଶି କିଭଳି ଅପରିଷ୍କାର ନହେବ ସେଥିପାଇଁ ସ୍ୱତନ୍ତ୍ର ନଜର ଦିଆଯାଇଛି । ଓଡ଼ିଶା ୟାଚିଂ ଆସୋସିଏସନ୍ ବ୍ରାଣ୍ଡ ଆମ୍ବାସଡାର ଶ୍ରୀତମ ଦାସ ମହାନଦୀ ଜଳରାଶିକୁ ଯାଇ ବୁଲି ଦେଖିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସଜେଇ ହେଉଛି ବାଲିଯାତ୍ରା ପଡ଼ିଆ। ଏଥିସହ ମହାନଦୀ ଜଳରାଶିକୁ ପରିଷ୍କାର କରାଯାଉଛି। ଯାହା ରାଷ୍ଟ୍ରପତିଙ୍କୁ ଏକ ସୁଖଦ ଅନୁଭୂତି ଦେବ।

ଅକଓ୍ୱାନ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି

କାଶୀନଗର(ନିପ୍ର): ଅକଓ୍ୱାନ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ମଧ୍ୟରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ କାଶୀନଗର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଫଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ବ୍ଲକ ଓ ଏନ ଏ ସି ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ତିଥି :(ନବମୀ) : (ଶତଭିଷା ମଳ, କୁମ୍ଭ)
ଅମୃତ ବେଳା: ପ୍ରାତଃ ୬।୦୭ ରୁ ଘ ୦୭।୪୦ ମଧ୍ୟେ

ଆଜିର ଅନୁଚିନ୍ତନ

ରଜୋଗୁଣ ବୃଦ୍ଧି ହେଲେ ଲୋଭ, ପ୍ରବୃତ୍ତି , ଅଶାନ୍ତି ଆଦି ବୃତ୍ତି ଜାତ ହୁଅନ୍ତି।।
- ଶ୍ରୀମଦ୍ ଭଗବଦ୍ ଗୀତା

ପ୍ରଶାସନ ପାଇଁ ଆହ୍ୱାନ


'ଅର୍ଣ୍ଣବ' ଆମ ରାଜ୍ୟରେ କ୍ଷୟକ୍ଷତି ଘଟାଇବାର ପ୍ରାୟ ତିନି ସପ୍ତାହ ପାଖେଇଲାଣି। ଏପରି ସମୟରେ ସାମୁଦ୍ରିକ ଝଡ଼'ଅକଖାନ' ଦିଗ ବଦଳାଇବା ଫଳରେ ଏହାର ବାହ୍ୟବଳୟ ଆମ ରାଜ୍ୟର ମାଲକାନଗିରି , କୋରାପୁଟ ଓ ନବରଙ୍ଗପୁରକୁ ଛୁଇଁ ଦେଇ ନେଲୋର-ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଖୋଦ୍ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। 'ଅର୍ଣ୍ଣବ' ଦକ୍ଷିଣ ଓଡ଼ିଶାରେ ଏତେ ମାତ୍ରାରେ କ୍ଷତି ଘଟାଇଛି ଯେ 'ଅକଖାନ'ନାଁ ଶୁଣୁଶୁଣୁ ବିପନ୍ନଙ୍କ ଚିନ୍ତା ବହୁ ମାତ୍ରାରେ ବଢ଼ିଯାଇଛି। ଶହ ଶହ ହେକ୍ଟର ଜମିର ଧାନ ପାଣି କାଦୁଅରେ ଶତୁଥିବା ବେଳେ ଅର୍ଣ୍ଣବରୁ ବର୍ତ୍ତି ଥିବା ଲୋକେ ଏବେ ବି ଅଣ୍ଟା ସଳଖି ଠିଆ ହୋଇପାରି ନାହାନ୍ତି। ଗଂଜାମ, ଗଜପତି, ପୁରୀକୁ ଯେଲୋ ୱାର୍ଣ୍ଣିଂ ରହିଥିବାରୁ ଏସବୁ ଜିଲ୍ଲାର ଲୋକେ ଚିନ୍ତାରେ। 'ଅକଖାନ' ପରିପ୍ରେକ୍ଷୀରେ ଗଂଜାମ, ଗଜପତି, ପୁରୀ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ଆଠଟି ଜିଲ୍ଲାର ୮୭ ବ୍ଲକରେ ୧୯ଶହରୁ ଅଧିକ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ହୋଇଛି। ଏଥିରେ ଭୂସ୍ଖଳନପ୍ରବଣ ସ୍ଥାନ ମଧ୍ୟ ରହିଛି। ରାଜ୍ୟରେ ଭୂସ୍ଖଳନଜନିତ ତାଣ୍ଡବରେ ମୃତ୍ୟୁର ବିଭୀଷିକା ଦୃଷ୍ଟାନ୍ତ ଗଂଜାମ ଓ କନ୍ଧମାଳରେ ନିକଟରେ ମିଳିସାରିଛି।

ଏହା ଜଣାଶୁଣା ଯେ କଳିଙ୍ଗାଘାଟି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଭାବରେ ପରିଚିତ। ଏକାଧିକ ବାର ଏହି ବିପର୍ଯ୍ୟୟ ଏଠାରେ ହୋଇସାରିଛି। ଗଂଜାମ ଜିଲ୍ଲାର ୧୫୭ ନଂବର ଜାତୀୟ ରାଜପଥର ଏହି ଘାଟିରେ ପ୍ରବଳବର୍ଷା କାରଣରୁ ଭୂସ୍ଖଳନ ବହୁ ସମୟରେ ଚର୍ଚ୍ଚିତ ହୋଇସାରିଛି। ଏହି ଘାଟିର ଉପରି ଭାଗରେ କୁଆଡେ ରହିଛି ଏକ ଅଜ୍ଞାତ ଜଳାଶୟ ବା ପାଣି ଜମିରହୁଥିବା ସ୍ଥାନ। ଯେବେ ଅଧିକ ବର୍ଷା ହୁଏ ବିପାତର ଆଶଙ୍କା ବଢ଼େ,ସେପରି ସମୟରେ ଉକ୍ତ ସ୍ଥାନର ମାଟିର ଆର୍ଦ୍ରତା ବଢ଼ିବା କାରଣରୁ ଭୂସ୍ଖଳନ ଘଟିବା ଆଶଙ୍କା ବରାବର ରହେ। ଏଥିଲାଗି ଜିଓସ୍ପେଶାଲ ବିଶ୍ଳେଷଣ ନିମିତ୍ତ ଉଚ୍ଚ ପ୍ରଯୁକ୍ତି କୌଶଳ ଉପଯୋଗ ଜରିଆରେ ଚିହ୍ନଟର ଆବଶ୍ୟକତା ରହିଛି। ପ୍ରକୃତ ସ୍ଥିତି ଓ ସେଠାକାର ବସତିରେ ରହୁଥିବା ଲୋକଙ୍କ ପ୍ରତି ବିପଦ ଘନେଇ ହୋଇ ରହୁଥିବା ଦୃଷ୍ଟିରୁ ସଂପୃକ୍ତ ଅଞ୍ଚଳର ଅଧିବାସୀଙ୍କ ସ୍ଥାନାନ୍ତରଣ ଉପରେ ସର୍ବପ୍ରାଥମିକତା ଦେବା ଦରକାର। ଏଭଳି ଅନ୍ୟାନ୍ୟ ବିପର୍ଯ୍ୟୟ ସମ୍ଭାବନା ସ୍ଥଳର ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଲୋଡା। ତେବେ ଏବେ 'ଅକଖାନ' ପରିପ୍ରେକ୍ଷୀରେ ଭୂସ୍ଖଳନପ୍ରବଣ ଅଞ୍ଚଳର ବାସିନ୍ଦାଙ୍କ ସୁରକ୍ଷା ସର୍ବାଗ୍ରେ, ଏହା ଯେପରି ସୁନିଶ୍ଚିତ ହୁଏ ତାହାକୁ ପାଦେ ପାଦେ ପ୍ରଶାସନ ଜଗିବା ଜରୁରୀ। ମୋଟ ଉପରେ ସ୍ଥାନାନ୍ତରିତ ଲୋକେ ସୁରକ୍ଷିତ ସ୍ଥାନରେ ରହିବା ସର୍ବପ୍ରାଥମିକତା। ବାତ୍ୟା କାରଣରୁ ସେମାନେ ନାନା ଭାବରେ ଉଦ୍‌ବିଗ୍ନ ଥାଆନ୍ତି, ମାନସିକ ସ୍ଥିତି ଭଲ ନ ଥାଏ। ତେଣୁ ସେମାନଙ୍କ ରହଣି ସାଙ୍ଗକୁ ଖାଇବାପିଇବା, ସ୍ୱାସ୍ଥ୍ୟରକ୍ଷା ପ୍ରତି ପ୍ରଶାସନ ଠିକଣା ଭାବରେ ନିଗା ରଖିବାର ଆବଶ୍ୟକତା ରହିଛି। ବାତ୍ୟାର ଅନିବାର୍ଯତା ମଧ୍ୟରେ ସକାରାତ୍ମକ ପଦକ୍ଷେପ ହିଁ ଆଲୋକବର୍ତ୍ତିକା ସଦୃଶ।

ଆଧୁନିକ ବିଜ୍ଞାନ ଓ ଶାସ୍ତ୍ରରେ ଆମ ବିଶ୍ୱ ବ୍ରହ୍ମାଣ୍ଡ

ଡ.ଅମୂଲ୍ୟ କୁମାର ପଣ୍ଡା

ବୈଦିକ ବ୍ରହ୍ମାଣ୍ଡ ପ୍ରଣାଳୀରେ ସମୟର ହିସାବ ମଧ୍ୟ ବିଶାଳ ଏବଂ ବିସ୍ମୟକର ଅଟେ । ବୈଦିକ ଶାସ୍ତ୍ର କହେ, ଦେବତାମାନଙ୍କର ଯଥା: ଇନ୍ଦ୍ର, ବରୁଣ ଆଦିଙ୍କର ଗୋଟିଏ ଦିନ ପୃଥିବୀର ଗୋଟିଏ ବର୍ଷ ସହିତ ସମାନ । ୧୦୦୦ ମହାଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବ୍ରହ୍ମାଙ୍କର ଆୟୁ ୧୦୦ବର୍ଷ ଅଟେ, ଯାହା ପୃଥିବୀର ହିସାବରେ ୩୧ ଖର୍ବ ୪୦ ଅର୍ବ ବର୍ଷ । ବେଦର ଗଣନା ଅନୁସାରେ - କଳିଯୁଗ : ୪,୩୨, ୦୦୦ ବର୍ଷ, ଦ୍ୱାପର ଯୁଗ - ୮,୬୪, ୦୦୦ ବର୍ଷ, ତ୍ରେତାଯୁଗ - ୧୨,୯୬, ୦୦୦ ବର୍ଷ, ସତ୍ୟ ଯୁଗ - ୧୭, ୨୮, ୦୦୦ ବର୍ଷ। ଏକତ୍ର ଏକ ମହାଯୁଗ ହୁଏ ଯାହା ୪,୩୨୦, ୦୦୦ ବର୍ଷ ଅଟେ । ୧୦୦୦ ମହାଯୁଗ ବ୍ରହ୍ମାଙ୍କର ଗୋଟିଏ ଦିନ, ଯାହା ୪,୩୨,୦୦,୦୦୦,୦୦ ବର୍ଷ ଅଟେ । ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବିଶ୍ୱ ବ୍ରହ୍ମାଣ୍ଡର ଅବଧି ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ସହିତ ସମାନ, ଯାହା ୩୧ ଖର୍ବ ୪୦ ଅର୍ବ ବର୍ଷ ଅଟେ । ବ୍ରହ୍ମା ମଧ୍ୟ ଜଣେ ଜୀବାତ୍ମା ଅଟନ୍ତି, ଯିଏ ଭଗବାନଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ କରି ଏହି ପଦ ପ୍ରାପ୍ତ କରିଛନ୍ତି । ତେଣୁ ବ୍ରହ୍ମା ମଧ୍ୟ ଜନ୍ମମୃତ୍ୟୁର ଚକ୍ରର ଅନ୍ତର୍ଭୁକ୍ତ । କିନ୍ତୁ ସେ ଅତ୍ୟନ୍ତ ଉଚ୍ଚ ଆତ୍ମା ହୋଇଥିବାବାରୁ, ତାଙ୍କ ଜୀବନକାଳ ସମାପ୍ତ ହେବା ପୂର୍ବରୁ ସେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କ ଲୋକ ପ୍ରାପ୍ତ କରନ୍ତି ।



ବର୍ତ୍ତମାନର ଆଧୁନିକ ବୈଜ୍ଞାନିକମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି । ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି । ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି । ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି ।

ବେଳେବେଳେ ବ୍ରହ୍ମା ପଦ ପାଇଁ କୌଣସି ଅଧିକାରୀ ଆତ୍ମା ନ ମିଳିଲେ, ଭଗବାନ ସ୍ୱୟଂ ବ୍ରହ୍ମା ହୋଇଯାଆନ୍ତି । ବ୍ରହ୍ମାଣ୍ଡର ବିସ୍ମୟକର ଜାଗତିକ ଖେଳରେ, ସେଥିରେ ଥିବା ବିଭିନ୍ନ ଲୋକ ଏବଂ ସେମାନଙ୍କର ସୌରମଣ୍ଡଳ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଚକ୍ର ମଧ୍ୟ ଦେଇ ବାରମ୍ବାର ଗତି କରିଥାଆନ୍ତି । ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ଶେଷରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଲୁପ୍ତି ଘଟିଥାଏ । ଏହି ସମୟରେ ସମସ୍ତ ମାୟିକ ଜଗତର ଅନ୍ତ ହୋଇଯାଏ । ପ୍ରକୃତି ମାୟିକ (ମାୟା)ଶକ୍ତିର ସୂକ୍ଷ୍ମ ରୂପ ଅଟେ । ମାୟା ନିଜର ମୌଳିକ ରୂପରେ, ପରବ୍ରହ୍ମ ମହାବିଷ୍ଣୁଙ୍କ ଶରୀରରେ ଅବସ୍ଥାନ କରେ । ଏହାକୁ ପ୍ରାକୃତ ପ୍ରଳୟ ବା ମହାପ୍ରଳୟ କୁହାଯାଏ । ପୁଣି ମହାବିଷ୍ଣୁ ଯେତେବେଳେ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେ ପ୍ରକୃତି ରୂପରେ ଥିବା ମାୟିକ ଶକ୍ତି ପ୍ରତି ଦୃଷ୍ଟିପାତ କରନ୍ତି ଏବଂ ତାଙ୍କର ଦୃଷ୍ଟି ମାତ୍ରେ ଏହା ପୁଣି ପ୍ରକାଶିତ ହେବାରେ ଲାଗେ । ବର୍ତ୍ତମାନର ଆଧୁନିକ ବୈଜ୍ଞାନିକମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି । ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି । ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି । ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି । ଏହିପରି ଭାବରେ ବ୍ରହ୍ମାଙ୍କର ୧୦୦ବର୍ଷ ଭଗବାନଙ୍କର ଗୋଟିଏ ନିଶ୍ୱାସ/ପ୍ରଶ୍ୱାସ ସହିତ ସମାନ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଏବଂ ଜଣେ ଶଙ୍କର ଅଛନ୍ତି । ସୁତରାଂ ଅନନ୍ତ ବ୍ରହ୍ମାଣ୍ଡରେ ଅନନ୍ତ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଅଛନ୍ତି । ପ୍ରତ୍ୟେକ ବ୍ରହ୍ମାଣ୍ଡର ବିଷ୍ଣୁ ମହାବିଷ୍ଣୁଙ୍କର ସ୍ୱରୂପ ଅଟନ୍ତି । ଏହା ଏକ ମହା ବିଷ୍ଣୁଙ୍କ ମାୟାର ଖେଳ ଅଟେ ଯେଉଁଥିରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସମାହିତ।

ମୋ - ୯୯୩୮୯୦୬୦୭୦

ଇଣ୍ଡୋ-ପ୍ୟାସିଫିକ୍ ଶାନ୍ତିର ନୂତନ ଦିଗ୍‌ଦର୍ଶନ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସଂଘ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ମାଧ୍ୟମରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବାକୁ ତାଙ୍କର ଆହ୍ୱାନ କେବଳ ଏକ କୂଟନୈତିକ ବାର୍ତ୍ତା ନୁହେଁ, ଏହା ଭବିଷ୍ୟତର ବିଶ୍ୱ ବ୍ୟବସ୍ଥା ପାଇଁ ଏକ ଗଭୀର ରାଜନୈତିକ ଦିଗ୍‌ଦର୍ଶନ।

ଭାରତର ବୈଦେଶିକ ନୀତିର ମୂଳ ଆଧାର କେବଳ ନିଜ ଦେଶର ସୁରକ୍ଷା, ସମୃଦ୍ଧି ଓ ବିକାଶ ମଧ୍ୟରେ ସୀମିତ ନୁହେଁ, ବରଂ ସମଗ୍ର ବିଶ୍ୱରେ ଶାନ୍ତି, ସ୍ଥିରତା, ସହଯୋଗ ଓ ସହଭାଗିତାର ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିବା ଏହାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ। ଏହି ଦୂରଦୃଷ୍ଟିକୁ ଆହୁରି ସ୍ପଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭାରତ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସଂଘ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ମାଧ୍ୟମରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବାକୁ ତାଙ୍କର ଆହ୍ୱାନ କେବଳ ଏକ କୂଟନୈତିକ ବାର୍ତ୍ତା ନୁହେଁ, ଏହା ଭବିଷ୍ୟତର ବିଶ୍ୱ ବ୍ୟବସ୍ଥା ପାଇଁ ଏକ ଗଭୀର ରାଜନୈତିକ ଦିଗ୍‌ଦର୍ଶନ। ଆଜିର ବିଶ୍ୱ ଏକ ଜଟିଳ ପରିବର୍ତ୍ତନଶୀଳ ସମୟ ଦେଇ ଗତି କରୁଛି। ଗୋଟିଏ ପଟେ, ଯୁଦ୍ଧ, ସାମରିକ ଉତ୍ତେଜନାର, ସୀମା ବିବାଦ ଓ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ବଢୁଥିବାବେଳେ ଅନ୍ୟପଟେ ବାଣିଜ୍ୟ, ସାମୁଦ୍ରିକ ପରିବହନ, ଶକ୍ତି ସୁରକ୍ଷା, ଯୋଗାଣ ଶୃଙ୍ଖଳ ଓ ପ୍ରଯୁକ୍ତିବିଦ୍ୟାର ନୂତନ ସମୀକରଣ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏପରି ସମୟରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଗୁରୁତ୍ୱ ଅନେକ ଗୁଣ ବୃଦ୍ଧି ପାଇଛି। ବିଶ୍ୱର ଅନେକ ପ୍ରମୁଖ ବାଣିଜ୍ୟିକ ସାମୁଦ୍ରିକ ପଥ ଏହି ଅଞ୍ଚଳ ଦେଇ ଗତି କରୁଥିବାରୁ ଏଠାରେ ଶାନ୍ତି ରହିବା କେବଳ ଏସୀୟ ଦେଶମାନଙ୍କ ଆବଶ୍ୟକତା ନୁହେଁ, ସମଗ୍ର ବିଶ୍ୱର ଅର୍ଥନୈତିକ ସ୍ୱାର୍ଥ ସହିତ ଜଡିତ। ଏହି ପରିପ୍ରେକ୍ଷୀରେ ଭାରତ ଓ ଆସିଆନର ସହଭାଗିତା ଏକ ନୂତନ ଆଶାର ସଂଚାର କରୁଛି। ଆସିଆନ୍‌ରେ ଇଣ୍ଡୋନେସିଆ, ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ, ଭିଏତନାମ, ଫିଲିପାଇନ୍ସ, ବ୍ରୁନେଇ, କାମ୍ବୋଡିଆ, ଲାଓସ୍ ଓ ମିଆଁମାର ଭଳି ଦେଶ ସାମିଲ ଅଛନ୍ତି। ଏହି ଦେଶମାନଙ୍କ ସହ ଭାରତର ସମ୍ପର୍କ କେବଳ ବାଣିଜ୍ୟିକ କାରବାରରେ ସୀମିତ ନୁହେଁ, ଏହା ଇତିହାସ ସଂସ୍କୃତି, ଧର୍ମ, ସଭ୍ୟତା, ସାମୁଦ୍ରିକ ସମ୍ପର୍କ ଓ ମାନବୀୟ ଆଦାନପ୍ରଦାନର ଦୀର୍ଘ ପରମ୍ପରା ଉପରେ ଆଧାରିତ। ଭାରତର ପୂର୍ବମୁଖୀ ନୀତି ଏବଂ ପୂର୍ବରେ କାର୍ଯ୍ୟ କରିବାରେ ନୀତି ଏହି ସମ୍ପର୍କକୁ ନୂତନ ଗତି ଦେଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଏହା ସ୍ପଷ୍ଟ କରିଛି ଯେ, ଦକ୍ଷିଣ-ପୂର୍ବ ଏସିଆ ଭାରତର ବୈଦେଶିକ ନୀତିର କେବଳ ଏକ ଅଂଶ ନୁହେଁ, ବରଂ ଭାରତର ଭବିଷ୍ୟତର ଆର୍ଥିକ ଓ ସାମରିକ ସହଯୋଗର ଏକ ମୁଖ୍ୟ ସ୍ତମ୍ଭ। ଏହି ଦୃଷ୍ଟିକୋଣର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଭାରତ କୌଣସି ଏକ ଦେଶର ପ୍ରଭୁତ୍ୱ ପ୍ରତିଷ୍ଠାକୁ ସମର୍ଥନ କରୁନାହିଁ, ବରଂ ଆନ୍ତର୍ଜାତିକ ଆଇନ, ସାର୍ବଭୌମତ୍ୱର ସମ୍ମାନ, ଶାନ୍ତିପୂର୍ଣ୍ଣ ବିବାଦ ସମାଧାନ ଓ ସମସ୍ତ ଦେଶର ସମାନ ଅଧିକାରକୁ ଗୁରୁତ୍ୱ ଦେଉଛି। ସାମୁଦ୍ରିକ ଅଞ୍ଚଳରେ ମୁକ୍ତ ନୌ-ଚଳାଚଳ, ନିରାପଦ ବାଣିଜ୍ୟ ଓ ଆନ୍ତର୍ଜାତିକ ଆଇନର ପାଳନ ଏକ ସୁସ୍ଥ ବ୍ୟବସ୍ଥାର ଅପରିହାର୍ଯ୍ୟ ସର୍ତ୍ତ। ଦକ୍ଷିଣ ଚୀନ୍ ସାଗରରେ ଦୀର୍ଘଦିନ ଧରି ଚାଲିଥିବା ଆଂଚଳିକ ବିବାଦ, ସାମୁଦ୍ରିକ ସୀମା ସମସ୍ୟା ଓ ସାମରିକ ଉତ୍ତେଜନା ଏହି ଅଞ୍ଚଳରେ ସ୍ଥିରତା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏହାର ସମାଧାନ ଶକ୍ତି ପ୍ରଦର୍ଶନ କିମ୍ବା ଏକତରଫା ନିଷ୍ପତ୍ତି ମାଧ୍ୟମରେ ନୁହେଁ, ବରଂ ଆଲୋଚନା, କୂଟନୀତି ଓ ଆନ୍ତର୍ଜାତିକ ଆଇନର ମର୍ଯ୍ୟାଦା ରକ୍ଷା ମାଧ୍ୟମରେ ହିଁ ସମ୍ଭବ। ଏଠାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ କାହାର ବିରୋଧରେ ମେଣ୍ଟ ଗଠନ କରିବା ପରିବର୍ତ୍ତେ ସମସ୍ତଙ୍କ ସହ ସମ୍ପର୍କ ରକ୍ଷା କରି ଏକ ସନ୍ତୁଳିତ ଓ ନିୟମଭିତ୍ତିକ ଆଞ୍ଚଳିକ ବ୍ୟବସ୍ଥାକୁ ଆଗେଇ ନେବାକୁ ଚାହୁଁଛି। ଏହା ଭାରତର ସ୍ୱାଧୀନ ବୈଦେଶିକ ନୀତିର ଏକ ଉଲ୍ଲେଖନୀୟ ପରିଚୟ। ଆଜି ଯେତେବେଳେ ବିଶ୍ୱର ବିଭିନ୍ନ ଶକ୍ତିଶାଳୀ ଦେଶ ନିଜ ନିଜର ରଣନୈତିକ ସ୍ୱାର୍ଥକୁ ନେଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ, ସେତେବେଳେ ଭାରତର ଶାନ୍ତି ଓ ସହଯୋଗର ବାର୍ତ୍ତା ଆହୁରି ପ୍ରାସଙ୍ଗିକ ହୋଇପଡ଼ିଛି। ଏହି ସହଯୋଗର ଅନ୍ୟ ଏକ ମୁଖ୍ୟ ଦିଗ ହେଉଛି ଅର୍ଥନୈତିକ ସମୃଦ୍ଧି। ଭାରତ ଓ ଆସିଆନ୍ ଦେଶମାନଙ୍କ ମଧ୍ୟରେ ବାଣିଜ୍ୟ, ନିବେଶ, ଶିଳ୍ପ, କୃଷି, ଔଷଧ ଉତ୍ପାଦନ, ଡିଜିଟାଲ ପ୍ରଯୁକ୍ତି, ନବୀକରଣୀୟ ଶକ୍ତି ଓ ପର୍ଯ୍ୟଟନ କ୍ଷେତ୍ରରେ ଅସୀମ ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ କେବଳ ଉଚ୍ଚସ୍ତରୀୟ ବୈଠକ ଯଥେଷ୍ଟ ନୁହେଁ, ବାଣିଜ୍ୟିକ ବାଧା ଦୂର କରିବା, ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିବା, ନିବେଶକଙ୍କ ଆସ୍ଥା ବୃଦ୍ଧି କରିବା ଓ ଉଦ୍ୟୋଗୀମାନଙ୍କୁ ନୂତନ ସୁଯୋଗ ଦେବା ଆବଶ୍ୟକ। ବିଶେଷକରି ଯୁବପିଢ଼ିଙ୍କ ପାଇଁ ଶିକ୍ଷା, ଗବେଷଣା, ନବସୃଜନ ଓ ନିଯୁକ୍ତି କ୍ଷେତ୍ରରେ ସହଭାଗିତା ବୃଦ୍ଧି କରାଗଲେ ଏହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇପାରିବ। ସାଇବର ସୁରକ୍ଷା, ସମୁଦ୍ର ଡକାୟତି, ଆତଙ୍କବାଦ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ସଂଗଠିତ ଅପରାଧ ଭଳି ସମସ୍ୟାର ମୁକାବିଲା ପାଇଁ ମଧ୍ୟ ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ। ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଏହି ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ବଡ ଆହ୍ୱାନ। ଦୁର୍ଭିକ୍ଷବାତ୍ୟା, ସୁନାମି, ବନ୍ୟା ଓ ସମୁଦ୍ର ପତନ ବୃଦ୍ଧି ଅନେକ ଉପକୂଳବର୍ତ୍ତୀ ଦେଶର ଜୀବନ ଓ ଜୀବିକାକୁ ବିପଦରେ ପକାଉଛି। ଏପରି ସମୟରେ ବିପର୍ଯ୍ୟୟ ପୂର୍ବ ସତର୍କତା, ଉଦ୍ଧାର କାର୍ଯ୍ୟ, ରିଲିଫ୍ ସହଯୋଗ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଭାରତ ନିଜର ଅଭିଜ୍ଞତା ଆଦାନପ୍ରଦାନ କରିପାରିବ। ଭାରତର ସାମୁଦ୍ରିକ ଶକ୍ତି, ମାନବୀୟ ସହାୟତା ଓ ବିପର୍ଯ୍ୟୟ ମୁକାବିଲା କ୍ଷମତା ଆଞ୍ଚଳିକ ସହଯୋଗକୁ ନୂତନ ଶକ୍ତି ଦେଇପାରିବ। ଏହି ପ୍ରସଙ୍ଗରେ ଓଡ଼ିଶାର ଗୁରୁତ୍ୱକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଦୀର୍ଘ ସମୁଦ୍ରତଟ, ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ଶିଳ୍ପ ସମ୍ଭାବନା ଓ ସାମୁଦ୍ରିକ ବାଣିଜ୍ୟର ଐତିହ୍ୟ ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସିଆ ସହ ଯୋଡ଼ିବାର ଏକ ଶକ୍ତିଶାଳୀ ଆଧାର ପ୍ରଦାନ କରୁଛି। ପ୍ରାଚୀନ କାଳରେ ଓଡ଼ିଶାର ସାଧବମାନେ ବୋଇତରେ ବାଲି, ଜାଭା, ସୁମାତ୍ରା ଓ ଅନ୍ୟାନ୍ୟ ଦ୍ୱୀପାଞ୍ଚଳକୁ ଯାଇ ବାଣିଜ୍ୟ କରୁଥିଲେ। ବାଲିଯାତ୍ରା ସେହି ଗୌରବମୟ ସାମୁଦ୍ରିକ ପରମ୍ପରାର ଜୀବନ୍ତ ସ୍ମାରକ। ଏହା କେବଳ ଏକ ମେଳା ନୁହେଁ, ଏହା ଓଡ଼ିଶାର ବିଶ୍ୱ ସହ ସମ୍ପର୍କ, ସାହସ, ବାଣିଜ୍ୟିକ ଦକ୍ଷତା ଓ ସାଂସ୍କୃତିକ ଉଦାରତାର ପ୍ରତୀକ। ଆଜି ଯେତେବେଳେ ଭାରତ ଓ ଆସିଆନ୍ ମଧ୍ୟରେ ସହଯୋଗ ବୃଦ୍ଧିର ଆଲୋଚନା ହେଉଛି, ସେତେବେଳେ ଓଡ଼ିଶା ନିଜର ଐତିହାସିକ ପରିଚୟକୁ ଆଧୁନିକ ଅର୍ଥନୈତିକ ସୁଯୋଗରେ ପରିଣତ କରିବା ଉଚିତ। ବନ୍ଦରଭିତ୍ତିକ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ରପ୍ତାନି, ଜାହାଜ ମରାମତି, ପର୍ଯ୍ୟଟନ,

ଆଇଟିଏପି ତରଫରୁ ଶିଶୁମାନଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୮।୧୧ (ନିପ୍ର): ଆଇଟିଏପି ପକ୍ଷରୁ ତରଫରୁ ପୁରୀ ସଦର ବ୍ଲକ ଅନ୍ତର୍ଗତ ବେଳଦଳ ପଞ୍ଚାୟତର ଉର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯିବା ସହ ଶିଶୁମାନଙ୍କୁ ସମ୍ବଦ୍ଧିତ କରାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ସମାଜସେବୀ ହେଡ୍ଗର ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ଶିଶୁମାନଙ୍କୁ କିପରି ସ୍ନେହ ଓ ଯତ୍ନର ସହ ଶିକ୍ଷା ପ୍ରଦାନ କରାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଅଜିତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ପ୍ରଶାନ୍ତ ମହାନ୍ତି ସଂଘର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ହିମାଂଶୁ ମୋହନ ମହାନ୍ତି ବର୍ତ୍ତମାନ ସମୟରେ ସମାଜ କିପରି ଉତ୍ତମ ଶିକ୍ଷାଠାରୁ ଦୂରେଇ ଯାଉଛି, ସେ ସମ୍ପର୍କରେ ମତ ରଖିଥିଲେ । ଉପସଭାପତି ସଂଜୀବ ନାୟକ, ସତ୍ୟନାରାୟଣୀ ପ୍ରଧାନୀ ଓ ହରେକୃଷ୍ଣ ନାୟକ ଶିଶୁମାନଙ୍କୁ ପ୍ରେମ, ସ୍ନେହ ଓ ଉତ୍ତମ ବ୍ୟବହାରରେ ଆଦର୍ଶ ମଣିଷ ଭାବେ ଗଢ଼ି ତୋଳାଯାଇପାରିବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ସୋମନାଥ ବାରିକ, ପ୍ରମିଳା ଦାସ ଓ ଭୀମସେନ ମହାପାତ୍ର ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଆଇଟିଏପିର ପ୍ରିୟବ୍ରତ ପ୍ରଧାନ, ସୌମେନ୍ଦ୍ର ସୁନ୍ଦର ରାୟ, ଅଭୟ କୁମାର ସ୍ୱାଇଁ, ସୁକାନ୍ତ କୁମାର ମହାନ୍ତି, ସମରେନ୍ଦ୍ର ପାଇକରାୟ ଓ ଇନାମ ରସୁଲ ଉପସ୍ଥିତ ଥିଲେ।

ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ଶୁଭ ଖୁଣ୍ଟ ପଡ଼ିଲା

ନିରାକାରପୁର,୧୮।୧୧ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଜଂକିଆ-ରାମେଶ୍ୱର ନିକଟ ଐତିହାସିକ ମନ୍ଦାକିନୀ ନଦୀ କୂଳରେ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବାକୁଥିବା 'ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ' ପାଇଁ ଆଜି ଶୁଭ ଖୁଣ୍ଟ ପଡ଼ିଛି। ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ଜୀବନ୍ତ ରଖିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପ୍ରଥମେ ଜଂକିଆ ଥାନା ଅନ୍ତର୍ଗତ ଛୋଟରାୟ ଫାର୍ମ ହାଉସ ପରିସରରେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମନ୍ଦାକିନୀ ନଦୀ କୂଳରେ ଶୁଭ ଖୁଣ୍ଟ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୋଇତ ବନ୍ଦାଣ କମିଟି ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ, ଉପସଭାପତି ରଞ୍ଜିତ ଜଗଦେବ, ସମ୍ପାଦକ ରମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ବିଜୟ କୁମାର ରାଉତରାୟ, ଚନ୍ଦ୍ରମୋହନ ପଟ୍ଟନାୟକ ଏବଂ ବିରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ।ଅତୀତର ଗୌରବ ଓ ନୌବାଣିଜ୍ୟ ପରମ୍ପରା ଓଡ଼ିଶାର ପ୍ରାଚୀନ ଇତିହାସରେ ବାଣିଜ୍ୟ ଏବଂ ସାମୁଦ୍ରିକ ଯାତ୍ରାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରହିଛି। ଆମର ସାଧବ ପୁଅମାନେ କାଳଜୟୀ ବୋଇତ ଧରି ସିଂହଳ, ଜାଭା, ସୁମାତ୍ରା, ବାଲି ଏବଂ ବର୍ମା ଭଳି ଦୂରଦୂରାନ୍ତ ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ। 'ଆକାଶରେ ତାରା, ସାଗରରେ ଧାରା'କୁ ଭରସା କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ସେମାନେ ସମୁଦ୍ର ଯାତ୍ରା ଆରମ୍ଭ କରୁଥିଲେ।

ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାରର ନୂତନ କାର୍ଯ୍ୟକର୍ତ୍ତା

ଖଣ୍ଡପଡା,୧୮।୧୧(ନିପ୍ର); ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଖଣ୍ଡପଡ଼ା ସହରର ମଧ୍ୟ ଭାଗରେ ସ୍ଥାପିତ ସର୍ବ ପୁରାତନ ଅନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ସାଧାରଣ ବୈଠକ ଓ ନୂତନ କାର୍ଯ୍ୟକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ଅନୁଷ୍ଠାନର ଅଭାବ ଅସୁବିଧା ସହ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ସର୍ବସମ୍ମତି ପ୍ରସ୍ତାବକ୍ରମେ ଆସନ୍ତା ୩ ବର୍ଷ ପାଇଁ ଅନୁଷ୍ଠାନର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ସେମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାଯାଇଛି।ଅନୁଷ୍ଠାନର ନୂତନ ସଭାପତି ଭାବେ ଆର୍ତ୍ତତ୍ରାଣ ମିଶ୍ର, ଉପ ସଭାପତି ବିନାୟକ ମିଶ୍ର, ସାଧାରଣ ସମ୍ପାଦକ ଭାବେ ହରିଶ୍ଚନ୍ଦ୍ର ପ୍ରଧାନ,ସହ ସଂପାଦକ ଭାବେ ପ୍ରଭାକର ସାହୁ, ଯୁଗ୍ମ ସଂପାଦକ ଭାବେ ପ୍ରଦୀପ୍ତ କୁମାର ସାହୁ,କୋଷାଧ୍ୟକ୍ଷ ଭାବେ କାଉନସିଲର ପ୍ରମୋଦିନୀ ଦାସ,କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ କାର୍ତ୍ତିକେଶ୍ୱର ସାହୁ,ସତ୍ୟ ନାରାୟଣ ବାରିକ, ରମେଶ କୁମାର ମହାନ୍ତି, ରମେଶ ଚନ୍ଦ୍ର ନନ୍ଦ, କଙ୍କତରୁ ପଟ୍ଟନାୟକଙ୍କୁ ଚୟନ କରାଯାଇଥିବା ଜଣାଯାଇଛି। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ଓ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ସୁରେନ୍ଦ୍ର ନାରାୟଣ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ଶିଶୁ କବି କାଶିନାଥ ଦାସଙ୍କ ସମେତ ଶିକ୍ଷାବିତ ଜଗଦୀଶ ପ୍ରସାଦ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଭଦ୍ରକ,୧୮।୧୧ (ନିପ୍ର); ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ପରିସରରେ ଜିଲ୍ଲାପାଳ, ଭଦ୍ରକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ୧୮ ଗୋଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୯୩ ଗୋଟି ରହିଥିଲା। ଶୁଣାଣି ଶିବିରରେ ୦୬ ଗୋଟି ଅଭିଯୋଗର ଘଟଣାସ୍ଥଳରେ ସମାଧାନ କରାଯାଇଥିଲା। ଏହା ସହିତ ୦୩ ଜଣଙ୍କୁ ରେଡ୍ କ୍ରସ୍ ତରଫରୁ ମୋଟ ୨୧,୦୦୦/- ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏହି ଶୁଣାଣି ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ।

ନୀଳମାଧବ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

କଣ୍ଟିଲୋ ,୧୮।୧୧ (ନିପ୍ର); କଣ୍ଟିଲୋ ନୀଳମାଧବ ମହା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।୧୯୭୭ ମସିହାରେ ସ୍ଥାପିତ ନୀଳମାଧବ ମହାବିଦ୍ୟାଳୟ ଚଳିତ ବର୍ଷ ୫୦ ବର୍ଷରେ ପଦାର୍ପଣ କରିଥିବା ଜଣାପଡିଛି। ଅନୁଷ୍ଠାନର ଅଧକ୍ଷ ସୁଜଳ କୁମାର ମହାରଣା ବୈଠକରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତ, ଜିଲ୍ଲା ପରିଷଦ ସଦସ୍ୟ ତଥା ପୁରାତନ ଛାତ୍ର ସଂସଦ ସଭାପତି ରାମେଶ୍ୱର ଶତପଥି,ସମ୍ପାଦକ ସିଦ୍ଧାର୍ଥ ମହାପାତ୍ର,ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ନାଗରିକ ମଞ୍ଚ ସଭାପତି ଅଖିଳ ମହାରଣା, ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି,ପ୍ରାଧାପକ ଓମ ପ୍ରକାଶ ସାହୁ, ରମେଶଚନ୍ଦ୍ର ସାହୁ,ହୃଷିକେଶ ମିଶ୍ର,ପ୍ରଭାତ କୁମାର ବେହେରା,ଡ ନିରୋଦ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇ ମତାମତ ପ୍ରଦାନ କରିଥିଲେ। ଜୁବୁଲି ପରିଚାଳନା ନିମନ୍ତେ ପୁରାତନ ଛାତ୍ର,ବୁଦ୍ଧିଜୀବୀ, ଶୁଭେଚ୍ଛୁଙ୍କୁ ନେଇ କୋର୍ କମିଟି ଗଠନ କରାଯାଇଥିଲା।

୧୯୬୨ ମସିହାର ଜମି ବନ୍ଦୋବସ୍ତର ପୁନଃ ତଦନ୍ତ ହେଉ
ଗାଁ ଲୋକଙ୍କୁ ତାଙ୍କ ହକ୍ ଓ ଅଧିକାର ଫେରାଇ ଦିଆଯାଉ

ରାୟଗଡା,୧୮।୧୧(ନିପ୍ର): ୧୯୬୨ ମସିହାର ଜମି ବନ୍ଦୋବସ୍ତର ପୁନଃ ତଦନ୍ତ ହେଉ । ଗାଁ ଲୋକଙ୍କୁ ତାଙ୍କ ହକ୍ ଓ ଅଧିକାର ଫେରାଇ ଦିଆଯାଉ। ଏହି ଦାବି ପ୍ରସଙ୍ଗରେ ବସନ୍ତ ଉଲାକା, ଉପ-ସଭାପତି ଭାରତୀୟ ଜନତା ପାର୍ଟି,ଆଦିବାସୀ ମୋର୍ଚ୍ଚା, ରାୟଗଡା, ଆଦିବାସୀଙ୍କ ନ୍ୟାଯ୍ୟ ହକ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ୧୯୬୨ ମସିହାରେ ଯେତେବେଳେ କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଥିଲା, ସେହି ସମୟର ଜମି ବନ୍ଦୋବସ୍ତ ପ୍ରକ୍ରିୟାରେ ଆଦିବାସୀ ଅଧୁଷିତ ଅଞ୍ଚଳର ନିରୀହ ଗ୍ରାମବାସୀଙ୍କ ସରଳତା ଓ ଅଜ୍ଞତାର ସୁଯୋଗ ନେଇ ମୁଷ୍ଟିମେୟ ପ୍ରଭାବଶାଳୀ ଲୋକ ଏବଂ ପୁଞ୍ଜିପତିଙ୍କ ନାମରେ ମୌଜା ଜମିର ପଟ୍ଟା କରାଯାଇଥିବା ନେଇ ଅନେକ ଗୁରୁତର ଅଭିଯୋଗ ରହିଛି। ଆଜି ମଧ୍ୟ ଗାଁରେ ମୌଜା ଅଛି, କିନ୍ତୁ ଗାଁର ମୂଳବାସିନ୍ଦାଙ୍କ ପାଖରେ ନିଜ ଜମିର ଅଧିକାର ନାହିଁ। ଏହାଠାରୁ ବଡ଼ ଅନ୍ୟାୟ ଆଉ କ'ଣ ହୋଇପାରେ ମୁଁ ରାଜ୍ୟ ସରକାରଙ୍କୁ ଦାବି କରୁଛି। ୧୯୬୨ ମସିହାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଜମି ବନ୍ଦୋବସ୍ତର ନିରପେକ୍ଷ ପୁନଃ ତଦନ୍ତ କରାଯାଉ। ଯେଉଁମାନେ ଗାଁରେ ରହୁ ନଥିଲେ, ସେମାନଙ୍କ ନାମରେ କିପରି ମୌଜା ଜମି ପଟ୍ଟା ହେଲା, ତାହାର ସତ୍ୟତା ସାମ୍ନାକୁ ଆସୁ ଏବଂ ଆଇନ ବିରୋଧୀ ପଟ୍ଟା ପ୍ରମାଣିତ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉ। ପଞ୍ଚମ ଅନୁସୂଚୀ ଅଞ୍ଚଳ ହୋଇଥିବାରୁ ରାଜ୍ୟପାଳଙ୍କର ସାମ୍ବିଧାନିକ ଦାୟିତ୍ୱ ଓ ବିଶେଷ ଭୂମିକା ରହିଛି। ତେଣୁ ଏହି ଜମି ସମସ୍ୟାର ଗମ୍ଭୀରତାକୁ ବିଚାର କରି ରାଜ୍ୟପାଳ ମହୋଦୟ ଓ ରାଜ୍ୟ ସରକାର ହସ୍ତକ୍ଷେପ କରି ଗାଁ ଲୋକଙ୍କୁ ସ୍ଥାୟୀ ନ୍ୟାୟ ପ୍ରଦାନ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ରାଜନୈତିକ ଭାବେ ମଧ୍ୟ ରାୟଗଡ଼ାର ଜନସାଧାରଣ ସବୁକିଛି ଦେଖୁଛନ୍ତି। ଭାସ୍କର ରାଓ ଓ ଅମୀୟ ସ୍ୱାଇଁଙ୍କ ରାଜନୈତିକ ଭୂମିକା ଏବଂ କଂଗ୍ରେସକୁ ନିର୍ବାଚନରେ ଜିତାଇବା ପଛରେ ଥିବା ସମୀକରଣକୁ ଲୋକେ ଜାଣିଛନ୍ତି। ଆଦିବାସୀ ସଂଘକୁ ଭାଗ ଭାଗ କରି ଆଦିବାସୀଙ୍କ ମଧ୍ୟରେ ମତଭେଦ ଓ ବିଷ ବୁଣିବାର ଯେଉଁ ଅଭିଯୋଗ ଉଠିଛି, ତାହାର ଜବାବ ଲୋକେ ଗଣତାନ୍ତ୍ରିକ ଉପାୟରେ ନିଶ୍ଚୟ ଦେବେ। ମା' ମାଟି ଓ ମା' ମଙ୍ଗିଘରିଆଣୀଙ୍କ ଆଶୀର୍ବାଦରେ ଆମର ଲଢ଼େଇ ଜାରି ରହିବ। ମୁଁ ସ୍ପଷ୍ଟ କରି କହୁଛି, ଏହି ଲଢ଼େଇ କୌଣସି ବ୍ୟକ୍ତି ବିଶେଷ ବିରୋଧରେ ନୁହେଁ; ଏହା ଅନ୍ୟାୟ, ଅତ୍ୟାଚାର ଓ ଜମି ଅଧିକାରରୁ ବଞ୍ଚିତ ଗ୍ରାମବାସୀଙ୍କ ନ୍ୟାୟ ପାଇଁ ଲଢ଼େଇ। ଯେଉଁ କଂଗ୍ରେସ ଶାସନ ସମୟରେ ଏଭଳି ଅନିୟମିତତା ହୋଇଥିବାର ଅଭିଯୋଗ ରହିଛି। ତାହାର ସତ୍ୟତା ତଦନ୍ତ ମାଧ୍ୟମରେ ସାମ୍ନାକୁ ଆସୁ। ବିଜେପି ସରକାରଙ୍କ ନିକଟରେ ଆମର ଦାବି, ନିରପେକ୍ଷ ତଦନ୍ତ କରି ଗାଁର ମୂଳ ବାସିନ୍ଦାଙ୍କୁ ନ୍ୟାୟ ଓ ଜମିର ହକ୍ ଫେରାଇ ଦିଆଯାଉ। ଗାଁର ମାଟି ଗାଁ ଲୋକଙ୍କ ଅଧିକାର। ଏହି ପବିତ୍ର ମାଟିକୁ ତାହାର ପ୍ରକୃତ ହକ୍‌ଦାରଙ୍କୁ ଫେରାଇବା ଆମର ଲକ୍ଷ୍ୟ। ଆଦିବାସୀ ମହାସଂଘର ନେତୃତ୍ୱରେ ଚାଲିଥିବା ଗାଁ ଲୋକଙ୍କ ନ୍ୟାୟର ଲଢ଼େଇକୁ ମୋର ପୂର୍ଣ୍ଣ ସମର୍ଥନ ରହିଛି ଏବଂ ଆଗକୁ ମଧ୍ୟ ରହିବ। ସରକାରଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରିବା ପାଇଁ ଆମେ ସମସ୍ତ ପ୍ରୟାସ କରିବୁ। ଅନ୍ୟାୟ ବିରୋଧରେ ଲଢ଼େଇ ଜାରି ରହିବ, ନ୍ୟାୟ ମିଳିବା ପର୍ଯ୍ୟନ୍ତ ସ୍ୱର ଉଠିବ ବୋଲି ବୋହରାଇଛନ୍ତି ବସନ୍ତ ଉଲାକା, ବିଜେପି ଉପ -ସଭାପତି ଆଦିବାସୀ ମୋର୍ଚ୍ଚା।

ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହେବ

ବଡ଼ସାହି ,୧୮।୧୧ (ନିପ୍ର); ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣାବାରିପଦା ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡ଼ିଓ ପୃଥ୍ୱୀରାଜ ପରିଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ତହସିଲଦାର କରୁଣାକର ଧଦ୍ଦା, ସମ୍ମାନିତ ଅତିଥି ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲୋଙ୍କା, ଅବସରପ୍ରାପ୍ତ ଅଧକ୍ଷ ସୁବଳ ଦାସ, ପୁରୁଣା ବାରିପଦା ପଞ୍ଚାୟତ ସରପଞ୍ଚ ଭୋଳାନାଥ ସିଂ,



ରାଣୀବନ୍ଧ ପଞ୍ଚାୟତ ସରପଞ୍ଚ ମମତା ଖଟୁଆ, ବିଆରସିସି କୁଳମଣି ନାଏକ ପ୍ରମୁଖ ଯୋଗ ଦେଇ ଗଣମାଧ୍ୟମ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଅତିଥି ପରିଚୟ ଓ ରଞ୍ଜନ କୁମାର ମଡୁଆଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ଚଳିତ ବର୍ଷ ବ୍ଲକ ସ୍ତରରେ ବିବେଚିତ ହୋଇଥିବା କୁଆମରା ପଞ୍ଚାୟତର ଚିଲିମା ଓମ୍ ସାଇ ରାମ୍ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ସାମ୍ବାଦିକ ମାନଙ୍କର ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବର ସଦସ୍ୟ ଶାନ୍ତନୁ କୁମାର ମଡୁଆଳ, ବିଶ୍ୱଜିତ ଦାଶ, ସମ୍ବିତ କୁମାର ରାଉତ, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସେରଙ୍ଗ ପୋଲିସ ଦ୍ୱାରା ୫୦୭ କିଲୋ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୧୮।୧୧ (ନିପ୍ର); ସେରାଙ୍ଗୋ ପୋଲିସ ନିଜ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲା ଯେ, ପୁଟାସିଂ ଥାନା ଅଞ୍ଚଳରୁ ସେରାଙ୍ଗୋ ଆଡ଼କୁ ଏକ 'ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକଅପ୍' ଗାଡ଼ି ଆସୁଛି।

ଏହି ଗାଡ଼ିର ପଛ ଭାଗରେ (ଡାଲାରେ) ସନ୍ଦେହଜନକ ଗଞ୍ଜେଇ ଭର୍ତ୍ତି ହୋଇଥିବା ୨୨ଟି ପ୍ଲାଷ୍ଟିକ ବସ୍ତା ରହିଛି ଏବଂ ଏହି ଗାଡ଼ିକୁ ସୁରକ୍ଷା ଦେଇ (ଏସ୍କର୍ଟ କରି) ଏକ 'ହିରୋ ଗ୍ଲାମର' ମୋଟର ସାଇକେଲ ମଧ୍ୟ ଆସୁଛି। ଏହି ସୂଚନା ପାଇବା ପରେ ପୋଲିସ ଦଳ ଅଧିକ ସତର୍କ ହୋଇଗଲେ ଏବଂ ରାଗିଡ଼ି ପୁଟା ନିକଟ ରାସ୍ତାରେ ଅପେକ୍ଷା କଲେ। ସକାଳ ୬ଟା ୧୫ ମିନିଟ୍ ସମୟରେ, ପୋଲିସ ଦଳ ଦୂରରୁ ଦେଖିଲେ ଯେ ପୁଟାସିଂ ଥାନା ଅଞ୍ଚଳରୁ ଏକ ଧଳା ରଙ୍ଗର 'ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକଅପ୍' ଗାଡ଼ି ଆସୁଛି ଏବଂ



ଏକ 'ହିରୋ ଗ୍ଲାମର' ମୋଟର ସାଇକେଲ ତାକୁ ସୁରକ୍ଷା ଦେଇ ଆସୁଛି। ରାଗିଡ଼ି ପୁଟା ନିକଟରେ ସନ୍ଦେହ ହେବାରୁ ପୋଲିସ ଦଳ ଗାଡ଼ିଗୁଡ଼ିକୁ ଅଟକିବା ପାଇଁ ସଙ୍କେତ ଦେଲେ। କିନ୍ତୁ ପୋଲିସ ଗାଡ଼ି ଦେଖିବା ମାତ୍ରେ ମୋଟର ସାଇକେଲ ଚାଳକ ଏବଂ 'ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକଅପ୍'ର ଡ୍ରାଇଭର ଘଟଣାସ୍ଥଳରୁ ଖସି ପଳାଇ ଜଙ୍ଗଲ ଆଡ଼କୁ ଚାଲିଗଲେ।

ପୋଲିସ ଦଳ ସେମାନଙ୍କ ପଛରେ ଗୋଡ଼ାଇଲେ ମଧ୍ୟ ସେମାନଙ୍କୁ ଧରିବାରେ ସକ୍ଷମ ହେଲେ ନାହିଁ। 'ହିରୋ ଗ୍ଲାମର' ମୋଟର ସାଇକେଲ (ରେଜିଷ୍ଟ୍ରେସନ୍ ନମ୍ବର ଓଡ଼ି୨୦ଏ୨୭୯୮ ଯାଞ୍ଚ କରାଯିବା ବେଳେ ସେଥିରୁ କିଛି ମିଳିଲା ନାହିଁ। 'ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକଅପ୍' (ରେଜିଷ୍ଟ୍ରେସନ୍ ନମ୍ବର ଓଡ଼ି ୨୨ଇ ୪୪୫୭) ଯାଞ୍ଚ କରାଯିବା ବେଳେ, ଗାଡ଼ିର ପଛ ଭାଗରେ ସନ୍ଦେହଜନକ ଗଞ୍ଜେଇ ଭର୍ତ୍ତି ହୋଇଥିବା ୨୨ଟି ବସ୍ତା ମିଳିଲା। ତୁରନ୍ତ ପୋଲିସ ଦଳ ଏହି ଗାଡ଼ିଗୁଡ଼ିକ ଜବତ ହେ ରେଜିଷ୍ଟ୍ରେସନ୍ ନମ୍ବର ଓ ଡ଼ି ୨୦ଏ ୨୭୯୮ ବିଶିଷ୍ଟ ଏକ ଗାଡ଼ି, ରେଜିଷ୍ଟ୍ରେସନ୍ ନମ୍ବର ଓ ଡ଼ି ୨୨ଇ ୪୪୫୭ ବିଶିଷ୍ଟ ଏକ ମହିନ୍ଦ୍ରା ବୋଲେରୋ ମ୍ୟାକ୍ସ ପିକଅପ୍ ଏବଂ ଗଞ୍ଜେଇ ଥିବା ସନ୍ଦେହ କରାଯାଉଥିବା ୨୨

ଭାରତ ବିକଶିତ କଲା ପ୍ରଥମ ସ୍ୱଦେଶୀ ବାର୍ଡ ଫ୍ଲୁ ଟିକା


ଆସନ୍ତା ୨୦ରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ

ନୂଆଦିଲ୍ଲୀ, ୧୮।୧୧: ବାର୍ଡ ଫ୍ଲୁ ରୋଗର ମୁକାବିଲା ପାଇଁ ଭାରତ ଏକ ବଡ଼ ସଫଳତା ହାସଲ କରିଛି । ଦେଶ ପ୍ରଥମ ଥର ପାଇଁ ସ୍ୱଦେଶୀ ବାର୍ଡ ଫ୍ଲୁ ଟିକା ବିକଶିତ କରିଛି । କୁକୁଡ଼ାମାନଙ୍କୁ ଏଚ୫ଏନ୧ ବାର୍ଡ ଫ୍ଲୁ ଭାଇରସରୁ ସୁରକ୍ଷା ଦେବା ପାଇଁ ଏହି ଟିକା ପ୍ରସ୍ତୁତ କରାଯାଇଛି । ଆସନ୍ତା ନଭେମ୍ବର ୨୦ ତାରିଖରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଟିକାକୁ ଦେଶକୁ ଉତ୍ସର୍ଗ କରିବେ। ଭୋପାଳସ୍ଥିତ ଆଇସିଏଆର-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହାଇ-ସିକ୍ୟୁରିଟି ଆନିମଲ୍ ଡିଜିଜେସ୍ (NIHSAD) ପକ୍ଷରୁ ଏହି ସ୍ୱଦେଶୀ ଟିକା ବିକଶିତ କରାଯାଇଛି । ଏନେଇ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି । ଏହି ଟିକା ଦେଶର



କୁକୁଡ଼ା ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ବାର୍ଡ ଫ୍ଲୁ କେବଳ କୁକୁଡ଼ା ଫାର୍ମରେ ସୀମିତ ରହୁନାହିଁ, ଏହା ବିଶ୍ୱ ବାଣିଜ୍ୟ, କୁକୁଡ଼ା ଉତ୍ପାଦର ମୂଲ୍ୟ ଏବଂ ଚାଷୀଙ୍କ ଜୀବିକା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଏହି ରୋଗର ପ୍ରକୋପ ଯୋଗୁଁ କୁକୁଡ଼ା ଚାଷ କ୍ଷେତ୍ରରେ ବ୍ୟାପକ କ୍ଷତି ହେବା ସହ ଅନେକ ସମୟରେ କୁକୁଡ଼ାଙ୍କୁ ନଷ୍ଟ କରିବାକୁ ପଡ଼ିଥାଏ। ୨୦୦୬ ମସିହାରେ ଭାରତରେ ପ୍ରଥମ ଥର ପାଇଁ ବାର୍ଡ ଫ୍ଲୁ ରୋଗ ଚିହ୍ନଟ ହୋଇଥିଲା। ସେବେଠାରୁ ଦେଶରେ ଏଚ୫ଏନ୧ ଏବଂ ଏଚ୫ଏନ୮ ଭାଇରସର ୫୦୦ରୁ ଅଧିକ ମାମଲା ରେକର୍ଡ ହୋଇଛି। ଏହି ରୋଗର ପ୍ରକୋପ ଦେଶର ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଆକଳନ ଅନୁଯାୟୀ, ବାର୍ଡ ଫ୍ଲୁ ଭାରତର ଜିଡିପି ଅଭିବୃଦ୍ଧିକୁ ୧.୫ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ କରିପାରେ। ଯଦି ଏହି ରୋଗ ଅନିୟନ୍ତ୍ରିତ ଭାବେ ବ୍ୟାପିଥାଏ, ତେବେ ଦେଶର ୨୦ ପ୍ରତିଶତରୁ ଅଧିକ କୁକୁଡ଼ା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବାର ଆଶଙ୍କା ରହିଛି । ୨୦୦୬ ମସିହାରେ ବାର୍ଡ ଫ୍ଲୁ ଯୋଗୁଁ ଭାରତ ପ୍ରାୟ ୨,୨୦୦ରୁ ୩,୦୦୦ କୋଟି ଟଙ୍କାର ପ୍ରତ୍ୟେକ୍ଷ ଏବଂ ପରୋକ୍ଷ କ୍ଷତି ସହିଥିଲା । ମଣିପୁରରେ ଏହି ରୋଗ ଯୋଗୁଁ ରାଜ୍ୟର ଜିଡିପିର ପ୍ରାୟ ୦.୫ ପ୍ରତିଶତ କ୍ଷତି ହୋଇଥିବା ଆକଳନ କରାଯାଇଥିଲା। ବାର୍ଡ ଫ୍ଲୁ ମଣିଷଙ୍କୁ ମଧ୍ୟ ଆକ୍ରାନ୍ତ କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଅନୁଯାୟୀ, ୨୦୦୩ ମସିହାରୁ ଭାରତ ସମେତ ୨୫ଟି ଦେଶରେ ଏଚ୫ଏନ୧ ବାର୍ଡ ଇନଫ୍ଲୁଏଞ୍ଜାର ୧,୦୦୩ଟି ମାନବ ସଂକ୍ରମଣ ମାମଲା ରିପୋର୍ଟ ହୋଇଛି। ଏଥିରେ ୪୭୯ ଜଣଙ୍କର ମୃତ୍ୟୁ ଘଟିଛି।

୨ଶହ ଫୁଟ ଖାଇକୁ ଖସିଲା କାର୍ , ୬ ମୃତ



ନୂଆଦିଲ୍ଲୀ, ୧୮।୧୧: ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାର ଲଡଭାଡୋଲରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଲଡଭାଡୋଲ ବଜାରର ଏକ ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି, ଯେଉଁଠାରେ ଏକ କାର ନିୟନ୍ତ୍ରଣ ହରାଇ ୨୦୦ ଫୁଟ ଗଭୀର ଘାଟିକୁ ଖସି ପଡ଼ିଛି। କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ଘଟଣାସ୍ଥଳରେ ସମସ୍ତ ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ଅନୁଯାୟୀ, କାରରେ ଥିବା ସମସ୍ତ ଯୁବକ ନିକଟବର୍ତ୍ତୀ ଗ୍ରାମର ସ୍ଥାନୀୟ ବାସିନ୍ଦା ଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକମାନେ ତୁରନ୍ତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ପାଇଁ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଲୋକମାନେ ନାଳ ଭିତରକୁ ପ୍ରବେଶ କରି କାର ଚାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେତେବେଳକୁ ସମସ୍ତ ଛଅ ଜଣ ଯୁବକଙ୍କ ମୃତ୍ୟୁ ହୋଇସାରିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଲାଡଭାଡୋଲ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ପୋଲିସ ବହୁ ଚେଷ୍ଟା ପରେ ସମସ୍ତ ମୃତଦେହକୁ ନାଳରୁ ବାହାର କରିଥିଲା । ଗୋଟିଏ ଦୁର୍ଘଟଣାରେ ଛଅ ଜଣ ଯୁବକଙ୍କ ମୃତ୍ୟୁ ଲଡଭାଡୋଲ ଏବଂ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ଥରାଇ ଦେଇଛି ।

ନିଟ୍ ପେପର ଲିକ୍ ମାମଲାରେ ୧୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ, ୧୮।୧୧: ନିଟ୍ ୟୁଜି ପେପର ଲିକ୍ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ମାମଲାରେ ସମସ୍ତ ୧୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନଭେମ୍ବର ୨୫ ତାରିଖରୁ ମାମଲାର ଦୈନିକ ଶୁଣାଣି ଆରମ୍ଭ ହେବ। ଏହାକୁ ନେଇ ନିଟ୍ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ମଧ୍ୟରେ ପୁଣି ଥରେ ଏହି ମାମଲା ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ, ନିଟ୍ ୟୁଜି ପେପର ଲିକ୍ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା।

ଇତିହାସ ରଚିଲା ଭଏଜର-୧

ନୂଆଦିଲ୍ଲୀ, ୧୮।୧୧: ପୃଥିବୀରୁ ନିଜର ଯାତ୍ରା ଆରମ୍ଭ କରିବାର ପ୍ରାୟ ୫୦ ବର୍ଷ ପରେ, ନାସା ର 'ଭଏଜର-୧' ମହାକାଶଯାନ ଇତିହାସ ରଚିଛି। ବୁଧବାର ଏହି ମହାକାଶଯାନଟି ପୃଥିବୀଠାରୁ ପ୍ରାୟ ୨୫.୯ ବିଲିୟନ (୨୫୯୦ କୋଟି) କିଲୋମିଟର ଦୂରଯାତ୍ରା କରିଛି। ଏହି ଦୂରତା ଏତେ ଅଧିକ ଯେ, ଆଲୋକର ଗତିରେ ଯାତ୍ରା କରୁଥିବା ଏକ ସଙ୍କେତ ସେଠାରେ ପହଞ୍ଚିବା ପାଇଁ ୨୪ ଘଣ୍ଟା ସମୟ ନେବ ।ଏହି ମାଇଲଖୁଣ୍ଟକୁ 'ୱାନ୍ ଲାଇଟ୍-ଡେ' ବା 'ଏକ ଆଲୋକ-ଦିବସ' ବୋଲି କୁହାଯାଏ।

ଡିଗ୍ରୀ ନୁହେଁ, ଚରିତ୍ର ଓ ବ୍ୟବହାର ଗଠନ ହିଁ ଶିକ୍ଷାର ଉଦ୍ଦେଶ୍ୟ: ରାଜ୍ୟପାଳ

ହଲଦ୍ୱାନୀ, ୧୮।୧୧: ଶିକ୍ଷାର ଉଦ୍ଦେଶ୍ୟ କେବଳ ଡିଗ୍ରି ହାସଲ କରିବା ନୁହେଁ, ବରଂ ବ୍ୟକ୍ତିର ଚରିତ୍ର, ଚିନ୍ତାଧାରା ଓ ବ୍ୟବହାରକୁ ଉନ୍ନତ କରିବା। ଶିକ୍ଷା ମଣିଷକୁ ଠିକ୍ ଓ ଭୁଲ୍ ମଧ୍ୟରେ ପାର୍ଥକ୍ୟ ବୁଝିବା ସହ ସମାଜ ପ୍ରତି ନିଜର ଦାୟିତ୍ୱବୋଧ ଜାଗ୍ରତ କରିଥାଏ। ଉତ୍ତରାଖଣ୍ଡ ମୁକ୍ତ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଏଭଳି ମତ ରଖିଛନ୍ତି ରାଜ୍ୟପାଳ ଡ. ଗୁରୁମିତ ସିଂ ବିସେନ। ବୁଧବାର ଆୟୋଜିତ ଏହି ସମାରୋହରେ ରାଜ୍ୟପାଳ କହିଥିଲେ ଯେ, ଡିଗ୍ରି ହାସଲ କରିବା ପରେ ଛାତ୍ରଛାତ୍ରୀଙ୍କ ଏକ ନୂଆ ଦାୟିତ୍ୱ ଆରମ୍ଭ ହୋଇଥାଏ। ନିଜର ଜ୍ଞାନ ଓ ଦକ୍ଷତାକୁ ସମାଜ ତଥା ଦେଶର ବିକାଶରେ ବିନିଯୋଗ କରିବା ଉଚିତ। ଶ୍ରୀମଦ୍ଭଗବତ୍ ଗୀତାର ଶ୍ଲୋକ ଉଦ୍ଧୃତ କରି ସେ କହିଥିଲେ ଯେ, ଜ୍ଞାନ ମଣିଷକୁ ସଠିକ୍ ମାର୍ଗ ଦେଖାଇବା ସହ ତା'ର ବିଚାରଧାରାକୁ ଉନ୍ନତ କରିଥାଏ। ଦୂରଶିକ୍ଷା ମାଧ୍ୟମରେ ନିୟମିତ ପାଠପଢ଼ାର ସୁଯୋଗ ପାଇପାରୁ ନଥିବା ଲୋକଙ୍କ ପାଖରେ ଉଚ୍ଚଶିକ୍ଷା ପହଞ୍ଚାଇବାରେ ମୁକ୍ତ ବିଶ୍ୱବିଦ୍ୟାଳୟର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଜେଲରୁ ବାହାରିଲେ ଆଜମ ଖାନ୍

ନୂଆଦିଲ୍ଲୀ, ୧୮।୧୧: ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ବୁଧବାର ସନ୍ଧ୍ୟାରେ ଗାଜିଆବାଦର ଦସ୍ନା ଜେଲରୁ ମୁକୁଳିଛନ୍ତି। ଏକ ମନିଲଣ୍ଡରିଂ ମାମଲାରେ ଅନ୍ତରୀଣ ଜାମିନ ମିଳିବା ପରେ ସେ ଜେଲରୁ ବାହାରି ନିଜ ଘର ରାମପୁରକୁ ଫେରିଛନ୍ତି ।ଅନ୍ୟପଟେ ଆଜମ୍ ଖାନ୍‌ଙ୍କୁ ଜେଲରୁ ମୁକ୍ତ ହେବାରୁ ରୋକିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଟିମ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟ ଶୁଣାଣି ପାଇଁ ଆସନ୍ତାକାଲି ପାଇଁ ତାରିଖ ଦେଇଛନ୍ତି।

ଥାଳି ଓ ପକେଟର ସାଇଜରୁ ମପାଯିବ ବିକାଶ : ଖଡ୍‌ଗେ

ନୂଆଦିଲ୍ଲୀ, ୧୮।୧୧: ଦେଶରେ ବଢୁଥିବା ଦରଦାମକୁ ନେଇ ବୁଧବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ। ସେ କହିଛନ୍ତି, ଦେଶର ପ୍ରଗତି ପ୍ରଧାନମନ୍ତ୍ରୀଙ୍କ ଭାଷଣର ଲମ୍ବା ଦେଖି ମପାଯିବ ନାହିଁ। ବରଂ ସାଧାରଣ ଲୋକଙ୍କ ଥାଳିରେ କେତେ ଖାଦ୍ୟ ରହିଛି ଏବଂ ସେମାନଙ୍କ ପକେଟରେ କେତେ ଟଙ୍କା ବଳୁଛି, ତାହା ଦେଖି ଦେଶର ବିକାଶ ଆକଳନ କରାଯିବ। ଖଡ଼ଗେ କହିଛନ୍ତି, ୧୨ ବର୍ଷ ପୂର୍ବେ ସରକାର ଦରଦାମ କମାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଏହାର ଓଲଟା ପରିସ୍ଥିତି ସୃଷ୍ଟି ହୋଇଛି। ସାଧାରଣ ଲୋକ କମ୍ ସାମଗ୍ରୀ କିଣିପାରୁଛନ୍ତି। ସେମାନଙ୍କ ପକେଟ୍ ଖାଲି ହୋଇଯାଉଛି। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦାମ୍ ଲଗାତାର ବଢ଼ିବାରେ ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ହିନ୍ଦୀରେ ଏକ ପୋଷ୍ଟ କରିଛନ୍ତି। ସେଥିରେ ସେ ଲେଖିଛନ୍ତି, 'ମୋଦୀଜୀ ଦରଦାମ କମାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପରିସ୍ଥିତି ଏମିତି ହୋଇଛି ଯେ, ସାଧାରଣ ଲୋକଙ୍କ ଖାଦ୍ୟ ଥାଳି ଛୋଟ ହେବାରେ ଲାଗିଛି। ସେମାନଙ୍କ ପକେଟ୍ ଖାଲି ହେଉଛି ଏବଂ ପରିବାର ଚଳାଇବା ଦିନକୁ ଦିନ କଷ୍ଟକର ହୋଇପଡୁଛି।'

ମୋଦିଙ୍କ ରିକ୍ସାକୁ ନେଇ ପାକିସ୍ତାନର ମିଛ ଦାବି 'ମେଡ୍ ଇନ୍ ପାକିସ୍ତାନ' ନୁହେଁ, ଥିଲା ଭାରତର ବାଜାଜ୍

ନୂଆଦିଲ୍ଲୀ, ୧୮।୧୧: ପ୍ରଧାନମନ୍ତ୍ରୀ ମୋଦିଙ୍କ ଥ୍ରୀ-ହ୍ୱିଲର ଯାତ୍ରାକୁ ନେଇ ସୋସିଆଲ ମିଡିଆରେ ନୂଆ ବିବାଦ । ମନିଲାରେ ଅନୁଷ୍ଠିତ ଆସିଆନ୍ ଶିଖର ସମ୍ମିଳନୀ ସମୟରେ ମୋଦି 'ମେଡ୍ ଇନ୍ ପାକିସ୍ତାନ' ଇ-ରିକ୍ସାରେ ଯାତ୍ରା କରିଥିବା ଦାବି କରିଥିଲେ କିଛି ପାକିସ୍ତାନୀ ସୋସିଆଲ ମିଡିଆ ହ୍ୟାଣ୍ଡଲ୍। ତେବେ ଏହି ଦାବିରେ ସତ୍ୟତା ନଥିବା ଜଣାପଡ଼ିଛି। ମୋଦି ଯେଉଁ ଗାଡ଼ିରେ ଯାତ୍ରା କରିଥିଲେ, ତାହା ଭାରତୀୟ କମ୍ପାନୀ ବଜାଜ୍ ଅଟୋ ଦ୍ୱାରା ନିର୍ମିତ ଥ୍ରୀ-ହ୍ୱିଲର ଥିଲା। ସୂଚନା ଅନୁସାରେ, ମନିଲାରେ ଆୟୋଜିତ ଗାଲା ଡିନରେ ଯୋଗଦେବା ପାଇଁ ମୋଦିଙ୍କ ସମେତ ବିଭିନ୍ନ ଦେଶର ନେତାମାନେ ସ୍ୱତନ୍ତ୍ର ଭାବେ ସଜାଯାଇଥିବା ତିନିଚକିଆ ଗାଡ଼ିରେ ପହଞ୍ଚିଥିଲେ। ଫିଲିପାଇନ୍ସର ପାରମ୍ପରିକ 'ଜିପ୍ନି' ଶୈଳୀର କଳାକୃତିରେ ସଜ୍ଜିତ ଏହି ଗାଡ଼ିଗୁଡ଼ିକର ବ୍ୟବସ୍ଥା ଆୟୋଜକ ଦେଶ ପକ୍ଷରୁ କରାଯାଇଥିଲା। ମୋଦିଙ୍କ ଗାଡ଼ିରେ ଯାତ୍ରା କରିବାର ଭିଡିଓ ଭାଇରାଲ୍ ହେବା ପରେ କିଛି ପାକିସ୍ତାନୀ ହ୍ୟାଣ୍ଡଲ୍ ଏହାକୁ ପାକିସ୍ତାନରେ ନିର୍ମିତ ବୋଲି ଦାବି କରିଥିଲେ।

ଭାରତୀୟ ନୌସେନାର ବଢ଼ିବ ଶକ୍ତି ଇସ୍ରାଏଲ ସହ ୧,୯୭୬ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି



ନୂଆଦିଲ୍ଲୀ, ୧୮/୧୧: ଭାରତୀୟ ନୌସେନାର ସାମରିକ କ୍ଷମତାକୁ ଆହୁରି ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ଇସ୍ରାଏଲ ସହ ୧,୯୭୬.୪୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି ଭାରତ। ଏହି ଚୁକ୍ତି ଅନୁସାରେ ଭାରତୀୟ ଯୁଦ୍ଧଜାହାଜରେ ମୁତୟନ ଥିବା ବାରାକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମର ଆଧୁନିକୀକରଣ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଇସ୍ରାଏଲର ପ୍ରତିରକ୍ଷା କମ୍ପାନୀ ଇସ୍ରାଏଲ ଏୟାରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ସହ ଏହି ଚୁକ୍ତି କରାଯାଇଛି। ଏହା ଅଧୀନରେ ବାରାକ୍ ଏଏଣ୍ଡ ଡିଫେନ୍ସ ମିସାଇଲ୍ ସିଷ୍ଟମର ଉଭୟ ହାର୍ଡୱେର୍ ଓ ସଫ୍ଟୱେରକୁ ଅପଗ୍ରେଡ୍ କରାଯିବ। ଏହି ଅପଗ୍ରେଡ୍ ଦ୍ୱାରା ମିସାଇଲ୍ ସିଷ୍ଟମର କାର୍ଯ୍ୟଦକ୍ଷତା ବଢ଼ିବା ସହ ଶତ୍ରୁପକ୍ଷର ମିସାଇଲ୍ ଓ ଅନ୍ୟାନ୍ୟ ଆକାଶମାର୍ଗୀୟ ବିପଦକୁ ଅଧିକ ଦକ୍ଷତାର ସହ ମୁକାବିଲା କରିବା ସମ୍ଭବ ହେବ। ଏହାର ପ୍ରତିରୋଧ କ୍ଷମତା ଓ ଲକ୍ଷ୍ୟଭେଦୀ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି।

ସିନ୍ଧୁ ଜଳ ଚୁକ୍ତିକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଜଳଯୁଦ୍ଧ ଆଶଙ୍କା! ଚେନାବ ନଦୀରେ ବନ୍ଧ ନିର୍ମାଣକୁ ଜୋରଦାର କରୁଛି ଭାରତ

ନୂଆଦିଲ୍ଲୀ, ୧୮/୧୧: ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣି ବଢ଼ିବାରେ ଲାଗିଛି ଜଳ ବିବାଦ। ସିନ୍ଧୁ ଜଳ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଏବେ ନୂଆ ମୋଡ଼ ନେଇଛି। ଏପଟେ ଚିନାବ ନଦୀ ଉପରେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟକାରୀ କରିବା ଦିଗରେ ଭାରତ ଦ୍ରୁତ ଗତିରେ ଆଗେଇ ଚାଲିଛି। ଅନ୍ୟପଟେ ଏହାକୁ ନେଇ ପାକିସ୍ତାନର ଚିନ୍ତା ବଢ଼ିଛି। ଆଗକୁ ପାଣିକୁ ନେଇ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବିବାଦ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି। ୧୯୬୦ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହି ଚୁକ୍ତି ଅନୁସାରେ ସିନ୍ଧୁ ନଦୀ ପ୍ରଣାଳୀର ୬ଟି ନଦୀକୁ ଦୁଇ ଭାଗରେ ବଣ୍ଟନ କରାଯାଇଥିଲା। ରାବି, ବ୍ୟାସ ଓ ସତଲେଜ ନଦୀର ଜଳ ଉପରେ ଭାରତର ଅଧିକାର ରହିଥିବା ବେଳେ ସିନ୍ଧୁ, ଝେଲମ ଓ ଚେନାବ ନଦୀର ଜଳ ବ୍ୟବହାର କରିବାର ମୁଖ୍ୟ ଅଧିକାର ପାକିସ୍ତାନକୁ ଦିଆଯାଇଥିଲା। ତେବେ ଏହି ପଶ୍ଚିମାଞ୍ଚଳ ନଦୀଗୁଡ଼ିକରେ ଭାରତକୁ ମଧ୍ୟ କିଛି ନିର୍ଦ୍ଦିଷ୍ଟ ବ୍ୟବହାର ଓ ଜଳବିଦ୍ୟୁତ୍ ଉତ୍ପାଦନର ଅନୁମତି ରହିଥିଲା। ୨୦୨୫ ଏପ୍ରିଲରେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲା। ସୀମାପାର ଆତଙ୍କବାଦକୁ ପାକିସ୍ତାନ ସମର୍ଥନ ବନ୍ଦ ନକରିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଭାରତ କହିଥିଲା।ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପରେ ଭାରତ ଜମ୍ମୁ-କାଶ୍ମୀରରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର କାମକୁ ଗତିଶୀଳ କରିଛି।

କାଶ୍ମୀର ଘାଟିରେ ଲସ୍କର-ଏ-ତୋଏବାର ଶେଷ ସକ୍ରିୟ ଆତଙ୍କୀ ନିପାତ

ବୀର ଯବାନଙ୍କୁ ରାଷ୍ଟ୍ରର ସଲାମ: ଶାହ



ନୂଆଦିଲ୍ଲୀ, ୧୮।୧୧: କଶ୍ମୀର ଘାଟିରେ ଆତଙ୍କବାଦ ବିରୋଧୀ ଅଭିଯାନକୁ ମିଳିଛି ବଡ଼ ସଫଳତା । ଦକ୍ଷିଣ କଶ୍ମୀରର କୁଲଗାମରେ ସୁରକ୍ଷା ବାହିନୀ ଲସ୍କର-ଏ-ତୈବାର ଶେଷ ଜଣାଶୁଣା ସକ୍ରିୟ ସ୍ଥାନୀୟ ଆତଙ୍କବାଦୀ ଲତିଫ ଭଟ୍ଟକୁ ଏନକାଉଣ୍ଟରରେ ନିପାତ କରିଛନ୍ତି। ଏହି ସଫଳତା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୁରକ୍ଷା ବାହିନୀର ସାହସ ଓ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ବୀର ଯବାନଙ୍କୁ ରାଷ୍ଟ୍ର ପକ୍ଷରୁ ସଲାମ ଜଣାଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ଅମିତ ଶାହ କହିଛନ୍ତି ଯେ, ଜାମ୍ମୁ-କାଶ୍ମୀର ପୋଲିସ, ଭାରତୀୟ ସେନା, ସିଆରପିଏଫ ଏବଂ ଗୁଇନ୍ଦା ସଂସ୍ଥାର ମିଳିତ ଉଦ୍ୟମ ଓ ଉତ୍ତମ ସମନ୍ୱୟ ଯୋଗୁଁ ଏହି ଅପରେସନ ସଫଳ ହୋଇଛି । କୁଲଗାମରେ ଭୋର ସମୟରେ ହୋଇଥିବା ଅଭିଯାନରେ ଲସ୍କରର ଶେଷ ଜଣାଶୁଣା ସକ୍ରିୟ ସ୍ଥାନୀୟ ଆତଙ୍କବାଦୀକୁ ନିପାତ କରାଯାଇଛି । ଏହି ପୂରା ଅପରେସନରେ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ ଉଚ୍ଚସ୍ତରୀୟ ସମନ୍ୱୟ ଦେଖିବାକୁ ମିଳିଥିବା ସେ କହିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର କୁଲଗାମରେ ଆଉ ଜଣେ ଆତଙ୍କବାଦୀ ଉମର ନିସାର ଡାରକୁ ମଧ୍ୟ ସୁରକ୍ଷା ବାହିନୀ ନିପାତ କରିଥିଲେ। ଏହା ପରେ ଲତିଫ ଭଟ୍ଟକୁ ନିପାତ କରାଯିବା ସହ ଅଞ୍ଚଳରେ ଆତଙ୍କବାଦୀ ନେଟୱର୍କକୁ ଶକ୍ତ ଝଟକା ଲାଗିଛି। ସୂଚନା ଅନୁସାରେ, ଏନକାଉଣ୍ଟର ସମୟରେ ଲତିଫ ଭଟ୍ଟ ଏକ ମସଜିଦ ଭିତରେ ଲୁଚି ରହିଥିଲା। ତାକୁ ଆତ୍ମସମର୍ପଣ କରିବା ପାଇଁ ସୁଯୋଗ ଦିଆଯାଇଥିଲେ ମଧ୍ୟ ସେ ମନା କରିଦେଇଥିଲା। ଏହା ପରେ ସୁରକ୍ଷା ବାହିନୀ ପକ୍ଷରୁ ଅପରେସନ ଜାରି ରଖାଯାଇଥିଲା। ତେବେ ଏହି ଅଭିଯାନରେ ମସଜିଦର କୌଣସି କ୍ଷତି ହୋଇନଥିବା ପୋଲିସ ସ୍ପଷ୍ଟ କରିଛି ।

ଟ

କଲେଜ କ୍ୟାମ୍ପସରୁ ଛୁରି ଦେଖାଇ ଲୁଟ୍, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): କଲେଜ କ୍ୟାଂପସ୍ ନିର୍ବାଚନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକାମ୍ର କଲେଜ ପରିସରରେ ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଓ ତାଙ୍କ ସହଯୋଗୀଙ୍କୁ ଛୁରୀ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହ ମୋବାଇଲ୍ ଫୋନ୍ ଛଡ଼ାଇ ଭାଙ୍ଗି ଦେଇଥିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଲୁ ଓରଫ୍ ଲିଙ୍ଗା ଓରଫ୍ ଲିଙ୍ଗରାଜ ମଲ୍ଲିକ (୧୯), ସୋନୁ ଓରଫ୍ ପ୍ରଭାତ ଭୋଇ (୧୮) ଏବଂ ହାଡୁ ଓରଫ୍ ସରୋଜ ଭୋଇ (୧୯)। ପୋଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ ସୁନ୍ଦରପଦା ଅଞ୍ଚଳର ଅଭିଯୋଗକାରୀ ଆୟୁଷ୍ମାନ ନାୟକ (୨୦) ଏକାମ୍ର କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। ଗତକାଲି (୧୭.୧୧.୨୦୨୬) କ୍ଲାସ୍ ସରିବା ପରେ ସେ ନିଜ ସହଯୋଗୀ ଆକାଶ ସ୍ୱାଇଁଙ୍କ ସହ ଘରକୁ ଫେରୁଥିବା ବେଳେ କଲେଜ କ୍ୟାଂପସ୍ ଭିତରେ ଥିବା ବରଗଛ ନିକଟରେ ଅଭିଯୁକ୍ତ ହାଡୁ, ସୋନୁ, ଲିଙ୍ଗା ଓ ପ୍ରଶାନ୍ତ ପୂର୍ବ ଯୋଜନା ମୁତାବକ ସେମାନଙ୍କ ରାସ୍ତା ଅବରୋଧ କରିଥିଲେ। ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଛୁରୀ ଦେଖାଇ ହତ୍ୟା ଧମକ ଦେଇଥିଲେ ଏବଂ ଆୟୁଷ୍ମାନଙ୍କ ମୁଣ୍ଡ, ଛାତି ଓ ଗାଲକୁ ନିର୍ଦ୍ଦୟ ଭାବେ ଆକ୍ରମଣ କରିଥିଲେ। ଆକାଶ ସ୍ୱାଇଁ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିବା ସହ ତାଙ୍କ ହାତରୁ ମୋବାଇଲ୍ ଫୋନ୍ ଛଡ଼ାଇ ଭାଙ୍ଗି ଦେଇଥିଲେ। ଜୀବନ ବଞ୍ଚାଇବା ପାଇଁ ଅଭିଯୋଗକାରୀ ଦୌଡ଼ି ଯାଇ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଭିତରେ ପଶିଥିଲେ ଏବଂ ପରେ ଏୟାରଫିଲ୍ଡ ଥାନାରେ ଲିଖିତ ଏତଲା ଦାୟର କରିଥିଲେ। ଏନେଇ ଏୟାରଫିଲ୍ଡ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ନିକଟରେ ଅନୁଷ୍ଠିତ କଲେଜ ନିର୍ବାଚନରେ ଅଭିଯୋଗକାରୀ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ବିରୋଧୀ ଗୋଷ୍ଠୀର ଅଭିଯୁକ୍ତମାନେ ତାଙ୍କ ଉପରେ ରାଗ ରଖିଥିଲେ। ଆକ୍ରମଣ ଭୟରେ ଅଭିଯୋଗକାରୀ କିଛି ଦିନ କଲେଜ ଯାଉନଥିବା ବେଳେ ଗତକାଲି ପ୍ରଥମ ଥର କଲେଜ ଯାଇଥିବା ସୁଯୋଗ ନେଇ ଅଭିଯୁକ୍ତମାନେ ଏହି ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କ ଡାକ୍ତରୀ ମାଇନା କରାଇଥିଲା ଏବଂ ଆକାଶ ସ୍ୱାଇଁଙ୍କ ଭଙ୍ଗା ମୋବାଇଲ୍ ଫୋନ୍‌କୁ ଜବତ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସୁନ୍ଦରପଦା ଅଞ୍ଚଳରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିବା ପରେ ଅପରାହ୍ଣରେ ସେମାନଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

୨ ଚେନ ଲୁଟେରା ଗିରଫ: ସୁନା, ମୋଟରସାଇକେଲ, ମୋବାଇଲ ଜବତ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ୨ ଜଣ ପେସାଦର ଚେନ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୨ ଭରି ସୁନା, ଗୋଟିଏ ମୋଟରସାଇକେଲ ଓ ୨ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତ ଜଗତପୁର ଥାନା ଅନ୍ତର୍ଗତ ଇମାମନଗରର କାହ୍ନୁ ପ୍ରଧାନ ଓରଫ ଯନ୍ତ୍ରୀ (୩୨) ଓ ମହାଜନପୁର ସାମଲସାହିର ଅଜିତ ସାମଲ ଓରଫ ବାପି (୩୧)। ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ଫକୀରପୁର ପଣ୍ଡା ସାହିର ନିବେଦିତା ସେନାପତି ଗତ ୧୩ ତାରିଖରେ ସପରିବାର ଏକ ଅଟୋରେ ବିରିବାଟି ତାରିଣୀ ମନ୍ଦିର ଯାଇ ଘରକୁ ଫେରୁଥିବା ବେଳେ ତାଙ୍କ ଘର ପାଖରେ ଏକ ମୋଟରସାଇକେଲ (ଓଡି ୦୫ ଏଭି ୦୮୧୩)ରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ ଛିଡାଇ ନେଇ ପଳାଇଥିଲେ । ଏନେଇ ସେ ତା' ପରଦିନ ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ତଦନ୍ତ ସମୟରେ ସିସିଟିଭି ଫୁଟେଜରୁ ଗାଡିଟି ଚିହ୍ନଟ ହେବା ପରେ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚିଥିଲା । ଅଭିଯୁକ୍ତମାନେ ଏହି ଘଟଣା ସହ ସେହି ଅଂଚଳରୁ ଅନ୍ୟ ଏକ ଲୁଟ କରିଥିବା ସ୍ୱୀକାର କରିଥିଲେ । ଯନ୍ତ୍ରୀ ବିରୋଧରେ ୧୯ଟି ମାମଲା ରହିଥିବା ବେଳେ ବାପି ବିରୋଧରେ ୬ଟି ମାମଲା ଥିବା ଜଣାପଡିଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ବିଚ୍ ରାସ୍ତାରେ ୪ ରାଉଣ୍ଡ ଗୁଳି: ଯୁବକଙ୍କୁ ହତ୍ୟା

ଫେରାର ଦୁର୍ବୃତ୍ତଙ୍କୁ ଖୋଜୁଛି ପୁଲିସ

ସୁବର୍ଣ୍ଣପୁର: ବିଚ୍ ରାସ୍ତାରେ ଗୁଳିମାଡ଼ କରି ଯୁବକଙ୍କୁ ହତ୍ୟା । ଫିଲ୍ମ ଷ୍ଟାଇଲ୍‌ରେ ୪ ରାଉଣ୍ଡ ଗୁଳି ଫୁଟାଇ ହତ୍ୟାକାଣ୍ଡ ଘଟାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ । ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ସାଲେପାଲି-ଅଇଁଲାସାରି ରାସ୍ତାର ପାଙ୍କେଲ ଛକ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତକ ହେଉଛନ୍ତି ବ୍ରାହ୍ମଣୀପାଲି ଗାଁର ସୁଦାମ ନାଗ । ସୂଚନାନୁସାରେ, ସୁଦାମ ଗଜବନ୍ଧ ଛକରେ ଏକ ଛୋଟିଆ ଷ୍ଟେଲଡିଂ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । କୌଣସି କାମରେ ଡୁଙ୍ଗୁରିପାଲି ଯାଇ ନିଜ ଘରକୁ ଫେରୁଥିବା ସମୟରେ ସାଲେପାଲି-ପାଙ୍କେଲ ରାସ୍ତାରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ । ଏଥିରେ ସୁଦାମଙ୍କ ମୃତ୍ୟୁ ହୋଇଛି । ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ, ବରଗଡ଼ ଜିଲ୍ଲାର ବରପାଲି ପୁଲିସ ଏବଂ ଡୁଙ୍ଗୁରିପାଲି ପୁଲିସ ପହଞ୍ଚିଛନ୍ତି । ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ତନାଘନା ଚଳାଇଛି । ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ସୁଦାମଙ୍କୁ କିଏ ଏବଂ କାହିଁକି ହତ୍ୟା କଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ପୂର୍ବ ଶତ୍ରୁତା, ବ୍ୟବସାୟିକ ବିବାଦ ନା ଜମିଜମା ସମ୍ପର୍କିତ ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି, ସେନେଇ ଚର୍ଚ୍ଚା ହେଉଛି । ତେବେ ହତ୍ୟାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ । ଅନ୍ୟପଟେ, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମୃତକଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି । ଏଭଳି ଗୁଳିକାଣ୍ଡ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି ।

୨୦ କେଜି ଗଞ୍ଜେଇ ସହ ନିଶା ବେପାରୀ ଗିରଫ

ଭୁବନେଶ୍ୱର(ନି.ପ୍ର): ବମିଖାଲ ଫ୍ଲାଏଓଭର ବ୍ରିଜ୍ ଉପରେ ଗଞ୍ଜେଇ ଡେଲିଭରି ଦେବା ପାଇଁ ଅପେକ୍ଷା କରିଥିବା ଜଣେ ଆନ୍ତଃଜିଲ୍ଲା ନିଶା ବେପାରୀକୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିକଟରୁ ବ୍ୟବସାୟିକ ପରିମାଣର ସର୍ବମୋଟ ୨୦ କିଲୋଗ୍ରାମ ୨୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ନିଶା ବେପାରୀ ଜଣଙ୍କ ହେଉଛନ୍ତି, ମୁନା ଦିଗଲ (୩୦)। ପୋଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା୦୫ ମିନିଟରେ ଲକ୍ଷ୍ମୀସାଗର ଥାନା ଅଧିକାରୀଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଜଣେ ବ୍ୟକ୍ତି ବସ୍‌ରୁ ଓହ୍ଲାଇ ଏକ ପ୍ଲାଷ୍ଟିକ୍ ବସ୍ତା, ବ୍ୟାକ୍‌ପ୍ୟାକ୍ ଓ ହ୍ୟାଣ୍ଡବ୍ୟାଗ୍ ସହ ବମିଖାଲ ଫ୍ଲାଏଓଭର ବ୍ରିଜ୍ ଉପରେ ଠିଆ ହୋଇଛି ଏବଂ ସ୍ଥାନୀୟ ଅଞ୍ଚଳରେ କାହାକୁ ଗଞ୍ଜେଇ ଡେଲିଭରି ଦେବାକୁ ଅପେକ୍ଷା କରିଛି। ସୂଚନା ପାଇବା ମାତ୍ରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଜଗନ୍ନାଥ ନାୟକ, ଏଏସ୍‌ଆଇ ଏ.ଆ. ତ୍ରିପାଠୀ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଅପରାହ୍ନ ପ୍ରାୟ ୧୨.୫୦ ମିନିଟରେ ଫ୍ଲାଏଓଭର ବ୍ରିଜ୍ ଉପରେ ଚଢ଼ାଉ କରି ସନ୍ଦିଗ୍ଧ ଯୁବକଙ୍କୁ ଚାରିପଟୁ ଘେରି କାବୁ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ମା' ବରାଳଦେବୀ ସାହିର ମୁନା ଦିଗାଲ (୩୦) ବୋଲି ପରିଚୟ ଦେଇଥିଲା। ଏନ୍‌ଡିପିଏସ୍ ଆଇନର ଧାରା ୫୦ ଅନୁଯାୟୀ ନିୟମ ପାଳନ ପୂବକ ଜୋନ୍-୪ ଏସିପି ଶ୍ରୀ ଅଭିମନ୍ୟୁ ନାୟକଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ବ୍ୟାଗ୍ ଓ ପ୍ଲାଷ୍ଟିକ୍ ବସ୍ତା ଯାଞ୍ଚ କରାଯାଇଥିଲା। ସେଥିରୁ ଗଞ୍ଜେଇ ଉଦ୍ଧାର ହୋଇଥିଲା, ଯାହାର ଓଜନ କରିବା ପରେ ପ୍ଲାଷ୍ଟିକ୍ ବସ୍ତା ସହ ମୋଟ ଓଜନ ୨୦ କିଲୋଗ୍ରାମ ୨୫୦ ଗ୍ରାମ ହୋଇଥିଲା।

ଫାର୍ମାସିଷ୍ଟଙ୍କୁ ଅପହରଣ ପରେ ଲୁଟ୍ ଫେରାର ଦୁଇ ଅପରାଧୀ ବନ୍ଧାହେଲେ

ଭୁବନେଶ୍ୱର(ନି.ପ୍ର): ଆଖିରେ କିଛି ପଡ଼ିଯାଇଥିବା ଓ ପାଣି ଦରକାର ଥିବା ବାହାନା କରି ଜଣେ ଫାର୍ମାସିଷ୍ଟଙ୍କ ସ୍କୁଟିରେ ଲିଫ୍ଟ ନେବା ପରେ ତାଙ୍କୁ ଛୁରୀ ଦେଖାଇ ଏକ ନିଛାଟିଆ ପରିତ୍ୟକ୍ତ କୋଠାକୁ ନେଇ ସଂଘବଦ୍ଧ ଡକାୟତି କରିଥିବା ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ଆଉ ଦୁଇ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଦୁଇ ଲୁଟେରା ହେଉଛନ୍ତି, ସାଲିଆସାହିର ସୁନୀଲ କୁମାର ବରାଲ (୨୦) ଓ ରାକେଶ ସ୍ୱାଇଁ ଓରଫ ମୁନା (୨୧)। ତଦନ୍ତରୁ ଜଣାପଡ଼ିଛି ଯେ, ଉତ୍କଳ ହସ୍ପିଟାଲ୍‌ରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଅଭିଯୋଗକାରୀ ସନ୍ତୋଷ କୁମାର ଜେନା ଗତ ୧୬ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୨୦ ମିନିଟରେ ଡ୍ୟୁଟି ସାରି ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏକାମ୍ର ଭିଲ୍ଲା ଛକ ନିକଟରେ ଜଣେ ଅଜଣା ଯୁବକ ଆଖିରେ କିଛି ପଡ଼ିଯାଇଥିବା ଓ ପାଣି ଦରକାର ଥିବା ବାହାନା କରି ତାଙ୍କୁ ଲିଫ୍ଟ ମାଗିଥିଲେ। ଅଭିଯୋଗକାରୀ ତାଙ୍କୁ ପାଣି ଦେବା ସହ ସ୍କୁଟିରେ ବସାଇବା ପରେ ଉକ୍ତ ଯୁବକ ଜଣକ ତାଙ୍କୁ ଏକ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ ଏବଂ ଜୋରଜବରଦସ୍ତ ସାଲିଆ ସାହି ସ୍ଥିତ ଜିଆଇଇଟି କଲେଜ ନିକଟ ଏକ ନିଛାଟିଆ ପଡ଼ିଆରେ ଥିବା ପରିତ୍ୟକ୍ତ ଭଙ୍ଗା ଘର ଭିତରକୁ ନେଇଯାଇଥିଲେ। ସେଠାରେ ପୂର୍ବ ଯୋଜନା ମୁତାବକ ଉପସ୍ଥିତ ଥିବା ୭ରୁ ୮ ଜଣ ସଶସ୍ତ୍ର ଦୁର୍ବୃତ୍ତ ଅଭିଯୋଗକାରୀଙ୍କୁ ଚାରିପଟୁ ଘେରି ଯାଇ ଛୁରୀ ଦେଖାଇବା ସହ ନିସ୍ତୁକ ମାଡ଼ ମାରିଥିଲେ ଏବଂ ଅଶ୍ଳୀଳ ଭିଡିଓ କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲେ। ଭୟଭୀତ କରାଇ ଅଭିଯୁକ୍ତମାନେ ତାଙ୍କ ଏଟିଏମ୍ କାର୍ଡ ନେଇ ୨୦ ହଜାର ଟଙ୍କା ଉଠାଇ ନେବା ସହ ଅନଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ୬ହଜାର ଟଙ୍କା ଏବଂ ସ୍କୁଟି ଡିକିରେ ଥିବା ନଗଦ ୧୭ ହଜାର ୫ଶହ ଟଙ୍କା ଏହିପରି ସର୍ବମୋଟ ୪୩ ହଜାର ୫ଶହ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଏଥିସହ ବ୍ଲାକ୍‌ମେଲ୍ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍‌ରୁ ତାଙ୍କର ଓ ପରିବାର ସଦସ୍ୟଙ୍କ ଫଟୋ ଏବଂ ଭିଡିଓ ନେଇଯାଇଥିଲେ। ଅଭିଯୋଗକାରୀ ପାଟି କରିବାରୁ ସ୍ଥାନୀୟ ଲୋକେ ସେଠାକୁ ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ମୈତ୍ରୀବିହାର ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ପୂର୍ବରୁ ଏହି ମାମଲାରେ ସଂପୃକ୍ତ ସାଲିଆ ସାହି ଜନତା ନଗରର ଅଭିଯୁକ୍ତ ଅଜିତ ଦାସ ଓରଫ୍ କୁନୁରୀ (୨୬) କୁ ଗତ ଅକ୍ଟୋବର ୨୮ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ଇନ୍‌ଫୋସିଟି ଥାନାର ଅନ୍ୟ ଏକ ମାମଲାରେ ଗିରଫ ହୋଇଥିବା ସହଅଭିଯୁକ୍ତ ରମାକାନ୍ତ ନାୟକ ଓରଫ୍ ସାହିଲ (୨୨)କୁ ଗତ ୯ତାରିଖରେ ପ୍ରଡକ୍ସନ୍ ୱାରେଣ୍ଟ ବଳରେ ଏହି ମାମଲାରେ ରିମାଣ୍ଡରେ ନେଇଥିଲା।

ଗୁଣ୍ଡା ଲଗାଇ ପତ୍ନୀଙ୍କୁ ଉଠାଇନେଲା ସ୍ୱାମୀ, ୮ ବର୍ଷର ପୁଅ ବି ନିଖୋଜ

ଆଳି: ଗୁଣ୍ଡା ଲଗାଇ ପତ୍ନୀଙ୍କୁ ଅପହରଣ କରିନେଲା ସ୍ୱାମୀ । ଥାନାରେ ଏତଲା ଦେଲେ ଅପହୃତାଙ୍କ ଭଉଣୀ । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳରେ ଆସିଛି ଏଭଳି ଅଭିଯୋଗ । ନିଜ ପତ୍ନୀ ଓ ପୁଅକୁ ଜଣେ ବ୍ୟକ୍ତି ଗୁଣ୍ଡା ଲଗାଇ ଅପହରଣ କରି ନେଇଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଛି । ଅନ୍ୟଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖି କ୍ରମାଗତ ଭାବେ ନିଜ ପତ୍ନୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ସ୍ୱାମୀ ଏଭଳି କାଣ୍ଡ ଘଟାଇଛି । ଏନେଇ ଥାନାରେ ଅଭିଯୋଗ କରିଛନ୍ତି ଅପହୃତାଙ୍କ ଭଉଣୀ ଲକ୍ଷ୍ମାପ୍ରିୟା ସ୍ୱାଇଁ । କୁଦାନଗରୀ ଥାନା ଭଗବାନପୁର ଗାଁର ଲକ୍ଷ୍ମାପ୍ରିୟା ଏନେଇ ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଆଳି ରାଜବାଟୀ ନିକଟରେ ଏକ ଭଡ଼ା ଘରେ ନିଜ ୮ ବର୍ଷର ପୁଅ ସହ ରହନ୍ତି ସ୍ମୃତିରେଖା । ଗତକାଲି ରାତିରେ ତାଙ୍କ ସ୍ୱାମୀ ଚନ୍ଦନ ଖଟେଇ ୮ରୁ୧୦ ଜଣ ଗୁଣ୍ଡାଙ୍କୁ ସାଙ୍ଗରେ ଧରି ଭଡ଼ାଘରେ ପହଞ୍ଚି ସ୍ମୃତିରେଖା ଓ ତାଙ୍କର ୮ ବର୍ଷର ପୁଅକୁ ମାରଣାସ୍ତ୍ର ଦେଖାଇ କେଉଁଆଡେ ଅପହରଣ କରି ନେଇଛନ୍ତି। ଏନେଇ ତୁରନ୍ତ ସ୍ମୃତିରେଖା ଓ ତାଙ୍କ ପୁଅକୁ ଉଦ୍ଧାର କରିବାକୁ ସେ ନିବେଦନ କରିଛନ୍ତି। କିଛିଦିନ ହେବ ସ୍ମୃତିରେଖା ସ୍ୱାମୀଙ୍କ ଠାରୁ ଅଲଗା ରହୁଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ତଦନ୍ତ ନେଇ ପୋଲିସ କୌଣସି ପ୍ରତିକ୍ରିୟା ରଖିନାହିଁ ।

ବୋମାମାଡ଼ ଘଟଣାରେ ଜଣେ ଗିରଫ



କଟକ/ସାଲେପୁର(ନିପ୍ର): କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର ଭତିମୁଣ୍ଡା ରୋଡ଼ର ଗୋପୀନାଥପୁର ବଜାର ଉପରେ ଥିବା ଏକ ବାଲି, ଗୋଡି ଦୋକାନ ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ଜଗତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଗୋପୀନାଥପୁର ପଟଶାସାହିର ଶୁଭଙ୍କର ମହାନ୍ତି ଓରଫ ରାଜା (୩୦) । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତ୍ରି ପ୍ରାୟ ୧୧ଟା ସମୟରେ ଦୋକାନୀ ଗୋପୀନାଥପୁରର ଦେବରାଜ ପୁଷ୍ଟି ତାଙ୍କ ଲକ୍ଷ୍ମୀ ନୃସିଂହ ସପ୍ଲାୟର ଭିତରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଉପରକୁ ଏକ ବୋମା ପକାଇଥିଲେ । ଫଳରେ ଶ୍ରୀ ପୁଷ୍ଟି ଭୟଭୀତ ହୋଇ ବଜାର କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କୁ ଫୋନକରି ଡାକିଥିଲେ । କିଛି ସମୟ ପରେ ବଜାର କମିଟି ସଭାପତି ଓ କର୍ମକର୍ତ୍ତା ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେମାନେ ପରିସ୍ଥିତିକୁ ଲକ୍ଷ୍ୟ କରୁଥିବା ବେଳେ କିଛି ଦୂରରେ ଅଭିଯୁକ୍ତ ରାଜା ତା' ସହଯୋଗୀମାନଙ୍କ ସହ ଠିଆ ହୋଇଥିଲା । ମାତ୍ର ଅଳ୍ପ ସମୟ ପରେ ଆଉ ଏକ ବମ ମଧ୍ୟ ପଡିଥିଲା । ସୌଭାଗ୍ୟ ବଶତଃ କାହାର କିଛି କ୍ଷତି ଘଟି ନ ଥିଲେ ମଧ୍ୟ ଆଜବେଷ୍ଟସ ଭାଙ୍ଗି ଗଲି ପଡିଥିଲା । ସଙ୍ଗେ ସଙ୍ଗେ ଖୋଜା ଖୋଜି ପରେ ମଧ୍ୟ ଦୁର୍ବୃତ୍ତଙ୍କର କୌଣସି ପତ୍ତା ମିଳି ନ ଥିଲା । ପରବର୍ତ୍ତୀ ସମୟରେ ଶ୍ରୀ ପୁଷ୍ଟି ଏନେଇ ପାଗା ଫାଣ୍ଡିରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଜଗତପୁର ଥାନାରେ ମାମଲା ରୁଜୁ ହେବା ପରେ ଆଇଆଇସିଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ଚୋରିର ନାଟକ କରି ଫସିଗଲେ ସୁନା ଦୋକାନ କର୍ମଚାରୀ, ବାନ୍ଧିଲା ପୁଲିସ

କୋରାପୁଟ: ମହଙ୍ଗା ପଡ଼ିଲା ନିଜେ ଚୋରି କରି ଚୋରି ହୋଇଥିବାର ନାଟକ କରିବା । ସୁନା ଦୋକାନ କର୍ମଚାରୀ ନିଜେ ୩୦ ଲକ୍ଷ ଟଙ୍କାର ସୁନା ବିସ୍କୁଟ ଚୋରି କରି ଚୋରି ହୋଇଥିବାର ନାଟକ କରୁଥିଲେ । ହେଲେ ସେ ଏବେ ଧରାପଡ଼ିଯାଇଛନ୍ତି । କୋଟପାଡ଼ ସହରରେ ଥିବା ସାହିଲ ସୁନା ଦୋକାନରେ ସୁଜିତ କୁମାର ବାଘ କାମ କରୁଥିଲା । ଗତ ୧୩ ତାରିଖରେ ଦୋକାନ ମାଲିକ ସୁଜିତଙ୍କୁ ୨୧୧ଗ୍ରାମ ସୁନା ବିସ୍କୁଟ ନେଇ ନବରଙ୍ଗପୁରରେ କଟକରୁ ଆସିଥିବା ଗହଣା କାରିଗରକୁ ଦେବା ପାଇଁ କହିଥିଲେ । ବାଇକ ଯୋଗେ ସୁଜିତ ନବରଙ୍ଗପୁର ମଧ୍ୟ ବାହାରିଥିଲେ । ତେବେ ଯିବା ବେଳେ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ସୁନା ବିସ୍କୁଟ ଝାମ୍ପି ନେଇଥିବା ସୁଜିତ ନିଜେ

ହକି ଇଣ୍ଡିଆକୁ ହାଇକୋର୍ଟଙ୍କ ଝଟ୍‌କା

ନିର୍ବାଚନ ଉପରେ ରହିତାଦେଶ ବଳବତ୍ତର



କଟକ, ୧୮/୧୧(ନିପ୍ର) : ହକି ଇଣ୍ଡିଆ ନିର୍ବାଚନ ଉପରେ ଜାରି ହୋଇଥିବା ରହିତାଦେଶ ବଳବତ୍ତର ରହିଲା । ପୂର୍ବରୁ ଜାରି ହୋଇଥିବା ଅନ୍ତରୀଣ ରହିତାଦେଶକୁ ଚାଲେଞ୍ଜ କରି, ହକି ଇଣ୍ଡିଆ ତରଫରୁ ଦାୟର ଆବେଦନକୁ ବୁଧବାର ଖାରଜ କରିଛନ୍ତି ହାଇକୋର୍ଟ । ଓଡ଼ିଶା ହକି ଇଣ୍ଡିଆକୁ ବାର୍ଷିକ ୩୫ କୋଟି ଟଙ୍କାର ଆର୍ଥିକ ସହାୟତା ଦେଉଛି ଏବଂ ହକି ଆସୋସିଏସନ ଅଫ ଓଡ଼ିଶା, ହକି ଇଣ୍ଡିଆର ସ୍ଥାୟୀ ସଦସ୍ୟ ଅଟେ । ସ୍ଥାୟୀ ସଦସ୍ୟତା ବଦଳରେ ସହଯୋଗୀ ସଦସ୍ୟ କରିବାକୁ ନୋଟିସ ଦେଇଥିଲା ହକି ଇଣ୍ଡିଆ । ଯାହା ଗ୍ରହଣୀୟ ନୁହେଁ ବୋଲି ଆଜି ହକି ଆସୋସିଏସନ ଅଫ ଓଡ଼ିଶା ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଯାହାକୁ ହାଇକୋର୍ଟ ଗ୍ରହଣ କରିବା ସହିତ ହକି ଇଣ୍ଡିଆର ଆବେଦନକୁ ଖାରଜ କରିଛନ୍ତି । ଆଗକୁ ମେରିଟ ଅନୁଯାୟୀ, ମାମଲାର ଶୁଣାଣି କରିବେ ହାଇକୋର୍ଟ । ନିର୍ବାଚନ ପ୍ରକ୍ରିୟାରୁ ଓଡ଼ିଶା ହକି ସଂଘକୁ ବାଦ୍ ଦେବା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ହକି ଇଣ୍ଡିଆ । ଗତ ୬ ତାରିଖରେ ଉକ୍ତ କାରଣ ଦର୍ଶାଅ ନୋଟିସ୍ ଉପରେ ରହିତାଦେଶ ଜାରି କରିଥିଲେ ହାଇକୋର୍ଟ । ଏବଂ କୋର୍ଟଙ୍କ ବିନା ନିର୍ଦ୍ଦେଶରେ ନିର୍ବାଚନ ହୋଇପାରିବ ନାହିଁ ବୋଲି ମଧ୍ୟ ଉକ୍ତ ଦିନ ହାଇକୋର୍ଟ ସ୍ପଷ୍ଟ କରିଥିଲେ । ଗତ ୬ ତାରିଖରେ ଜାରୀ ହୋଇଥିବା ଅନ୍ତରୀଣ ରହିତାଦେଶକୁ ହଟାଇବା ଲାଗି ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ହକି ଇଣ୍ଡିଆ ଯାହା ବୁଧବାର ଖାରଜ ହୋଇଛି ।

ଦିନଲିପି ଟ୍ରଷ୍ଟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ







ଭୁବନେଶ୍ୱର, ୧୮/୧୧(ନିପ୍ର): ଅନ୍ତରଙ୍ଗ କଳିଙ୍ଗ ଓ ଦୈନିକ ଖବର କାଗଜ ଦିନଲିପିର ପ୍ରୟାସରେ 'ଆସ ପଢ଼ମା ଜ୍ଞାନ ବଢ଼ାମା' ଅଭିଯାନ ଧର୍ମଗଡ଼ ବ୍ଲକ ବୋକ୍ରାସିଲରେ ୨୦୦ ଛାତ୍ରଛାତ୍ରୀଙ୍କୁ ଛବିଳ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି । ଆଗକୁ ବେହେରା, ଛଆବାହାଲି, କାଙ୍କେରୀ, ଡୁମେରଗୁଡ଼ା, ଧଅଁରପୁର ଓ ତେଣ୍ଡାପାଲି ପଞ୍ଚାୟତର ମନୋନୀତ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି । ପିଲାମାନଙ୍କୁ ପୁସ୍ତକ ପଢ଼ିବା ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ଭାଷାଜ୍ଞାନ, ଶବ୍ଦଭଣ୍ଡାର ଓ ପ୍ରାଥମିକ ଶିକ୍ଷାଗତ ଦକ୍ଷତାର ବିକାଶ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଚିତ୍ର ମାଧ୍ୟମରେ ଅକ୍ଷର ଓ ଶବ୍ଦକୁ ସହଜରେ ବୁଝିବା ସହ ପୁସ୍ତକ ପଢ଼ିବାରେ ପିଲାମାନଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ଅଭିଭାବକଙ୍କ ମଧ୍ୟରେ ମତପ୍ରକାଶ ପାଇଛି । ଏପରି ପୁସ୍ତକ ପିଲାମାନଙ୍କୁ ନିୟମିତ ପୁସ୍ତକ ପଠନ ସହିତ ନିଜ ଶିକ୍ଷାକୁ ଆଗକୁ ବଢ଼ାଇବା ଦିଗରେ ଯତ୍ନବାନ ହେବ ବୋଲି ପ୍ରୋଗ୍ରାମ ଅଫିସର ସନ୍ଦୀପ ନାଗ ଆଶାବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ୱାର୍ଡସଭ୍ୟ ମନକର ହରପାଳ, ଅଙ୍ଗନବାଡ଼ି କର୍ମୀ ଶୋବନି ବାଗ ଓ ଅଭିଭାବକଙ୍କ ସମେତ ଗ୍ରାମର ବରିଷ୍ଠ ବ୍ୟକ୍ତି ଶିଶୁମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଏପରି ପଦକ୍ଷେପର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ଟୁକୁ ପଣ୍ଡା, ଦିବାକର ଭଏଁସାଲ ଓ ହୁକିମ ଭଏଁସାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଶ୍ରୀରାଧାଙ୍କ ପାଦ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ପୁରୀ,୧୮।୧୧(ନିପ୍ର) ପବିତ୍ର ଅଁଳା ନବମୀ ଅବସରରେ ସତ୍ୟବାଦୀ ସ୍ଥିତ ଗୋପୀନାଥ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଶ୍ରୀ ରାଧା ଓଡ଼ିଆଣୀ ବେଶରେ ପାଦ ଦର୍ଶନ ଦେଇଛନ୍ତି । ମଙ୍ଗଳବାର ରାତି ୧ ଟା ରେ ମନ୍ଦିରର ଦ୍ୱାର ଖୋଲା ଯାଇଥିଲା । ପାରମ୍ପରିକ ରୀତି ନୀତି ଅନୁଯାୟୀ ସମସ୍ତ ନୀତି ସମ୍ପନ୍ନ ହେବା ପରେ ପ୍ରଥମେ ସେବାୟତଙ୍କ ପରିବାର ଦର୍ଶନ କରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଚନ୍ଦନ ପୋଖରୀଠାରୁ ମନ୍ଦିର ପର୍ଯ୍ୟନ୍ତ ଲମ୍ବା ବାରିକେଡ୍ ମଧ୍ୟରେ ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଲମ୍ବା ଧାଡ଼ିରେ ଯାଇ ମନ୍ଦିର ଭିତରେ ଶ୍ରୀରାଧାଙ୍କର ପାଦ ଦର୍ଶନ କରିଥିଲେ । ଶ୍ରୀକୃଷ୍ଣ ନଟବର ବେଶ ଓ ଶ୍ରୀ ରାଧା ଓଡ଼ିଆଣୀ ବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ । ବର୍ଷକୁ ମାତ୍ର ଏହି ଗୋଟିଏ ଦିନକୁ ଭକ୍ତମାନେ ଅପେକ୍ଷା କରିଥାନ୍ତି । ମନ୍ଦିର ସମ୍ମୁଖରେ ବିଭିନ୍ନ ଭୋଗ ପସରା , ଫୁଲ,ଦୀପ ପସରାମାନ ଖୋଲିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇବା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମନ୍ଦିର ସମ୍ମୁଖରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ଓ ସୂଚନା ଲୋକ ସମ୍ପର୍କ ପକ୍ଷରୁ ଶିବିର ଖୋଲା ଯାଇ ସମସ୍ତ ପ୍ରକାର ସୂଚନା ଶ୍ରଦ୍ଧାଳୁମାନଙ୍କ ଜଣାଇ ଦିଆଯାଇଥିବା ପ୍ରକାଶ। ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ନିୟମକୁ ମଧ୍ୟ କଡାକଡି କରାଯାଇଛି । ମନ୍ଦିର ବେଢ଼ା ମଧ୍ୟରେ ଥିବା ସାକ୍ଷୀଗୋପିନାଥଙ୍କ ମନ୍ଦିରରେ ମଧ୍ୟ ଲମ୍ବା ଧାଡ଼ି ଲାଗି ରହିଥିଲା ।

ସମ୍ ଅଲ୍ଟିମେଟ୍ ମେଡିକେୟାରରେ ସଫଳ ହେଲା ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୮/୧୧(ନିପ୍ର): ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ଓ ଅସ୍ତ୍ରୋପଚାର କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ମମ)ର ଡାକ୍ତରୀ ଟିମ୍ । ଜଣେ ରୋଗୀଙ୍କ ଯକୃତର ଡାହାଣ ପାର୍ଶ୍ୱରୁ ୨୦ ସେଂଟିମିଟର ଆକାରର ଏକ ବିଶାଳ ଟ୍ୟୁମରକୁ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ସଫଳତାର ସହ ବାହାର କରିଛନ୍ତି ସମ୍ମମ ଡାକ୍ତର । ସମ୍ମମର ଗ୍ୟାଷ୍ଟ୍ରୋସର୍ଜରୀ ଓ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ବିଭାଗର କନ୍ସଲ୍ଟାଣ୍ଟ ଡାକ୍ତର ଆଶୀର୍ବାଦ ପଣ୍ଡାଙ୍କ ନେତୃତ୍ୱରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିବା ବେଳେ ଓଡ଼ିଶାରେ ଉନ୍ନତ ଯକୃତ ଓ ପିତନଳୀ ସମ୍ବନ୍ଧୀୟ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ବାତ୍ୟା 'ଆକଭାନ୍': ନବୀନଙ୍କ ନିବେଦନ ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଭୁବନେଶ୍ୱର, ୧୮/୧୧: ମୁଁ ଗଭୀର ଚିନ୍ତିତ ଯେ ଓଡିଶା ଉପକୂଳ ରେ ଆଉ ଗୋଟିଏ ବାତ୍ୟା ଅକଭାନର ଲ୍ୟାଣ୍ଡଫଲ ଆଶଙ୍କା ଦେଖା ଦେଇଛି । ଏ ବାତ୍ୟା ଦ୍ୱାରା ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡିଶା ପ୍ରଭାବିତ ହେବ ବୋଲି ସତର୍କ ସୂଚନା ମିଳିଛି । ଗତ ମାସରେ ଅର୍ଣ୍ଣବ ବାତ୍ୟା ଓ ବନ୍ୟା ଦ୍ୱାରା ଆମର ଗଞ୍ଜାମ, ଗଜପତି ଓ କନ୍ଧମାଳ ଆଦି ଜିଲ୍ଲା ବିଶେଷ କ୍ଷତି ସହିଥିଲା। ଏହି ଜିଲ୍ଲା ଗୁଡିକର ଲୋକଙ୍କ କଷ୍ଟ ଆମ ସମସ୍ତଙ୍କୁ ବହୁତ ଦୁଃଖ ଦେଇଛି । ତେଣୁ ଆପଣ ମାନଙ୍କୁ ମୋର ଅନୁରୋଧ ଆପଣମାନେ ସତର୍କ ରୁହନ୍ତୁ । ସଜାଗ ରୁହନ୍ତୁ । ସୁରକ୍ଷିତ ରୁହନ୍ତୁ । ପ୍ରଶାସନକୁ ସହଯୋଗ କରନ୍ତୁ । ମୁଁ ସବୁବେଳେ ଆପଣମାନଙ୍କ ସହ ରହିଆସିଛି ଓ ରହିଥିବି । ବିଜୁ ଜନତା ଦଳର ସମସ୍ତ ନେତା ଓ କର୍ମୀ ଭାଇ ଭଉଣୀ ମାନଙ୍କୁ ମୋର ଅନୁରୋଧ ଏହି ବିପଦ ସମୟରେ ଆପଣମାନେ ଲୋକଙ୍କ ସହ ରୁହନ୍ତୁ । ସେମାନଙ୍କୁ ସାହାଯ୍ୟ କରନ୍ତୁ । । ମୋର ବିଶ୍ୱାସ ସମସ୍ତଙ୍କ ସହଯୋଗ, ସତର୍କତା ଓ ମହାପ୍ରଭୁଙ୍କ କରୁଣାରୁ ଓଡିଶା ଏ ବିପଦକୁ ସଫଳ ଭାବରେ ମୁକାବିଲା କରି ପାରିବ । ନମସ୍କାର ।

ବିଧାନସଭା ଖବର

ଓଇଆରସିରେ ଅଧିକାରୀଙ୍କ ପାଇଁ ରେଗୁଲେସନସ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥା

ଭୁବନେଶ୍ୱର, ୧୮/୧୧(ନିପ୍ର): ଅଧିକାରୀଙ୍କୁ ଡେପୁଟେସନ ଭିତ୍ତିରେ ନିଯୁକ୍ତି ସମ୍ପର୍କରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) କାର୍ଯ୍ୟାଳୟରେ ମାନବ ସମ୍ବଳ ନିଯୁକ୍ତ ପାଇଁ ରାଜ୍ୟସରକାରଙ୍କ ଅନୁମୋଦନ ପ୍ରୟୋଜନ ଥିବା ବିଦ୍ୟୁତ ଆଇନ ୨୦୦୩ ର ଧାରା ୯୧ରେ କୁହାଯାଇଥିବା ବେଳେ କେଉଁ ନିୟମ ବଳରେ ଓଇଆରସି ସିଧା ଓପିଟିସିଏଲ (ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ) ଅଧିକାରୀଙ୍କୁ ଡେପୁଟେସନ ଭିତ୍ତିରେ ନିଯୁକ୍ତ କରୁଛନ୍ତି ଏବଂ ଓଇଆରସି କାର୍ଯ୍ୟାଳୟକୁ ଚଳାଇବା ପାଇଁ ରାଜ୍ୟ ସରକାର କେତେ ସଂଖ୍ୟ କର୍ମଚାରୀ ଓ ଅଧିକାରୀକୁ ନିଯୁକ୍ତ କରିବା ପାଇଁ ଅନୁମୋଦନ କରିଛନ୍ତି; ବର୍ତ୍ତମାନ ଓଇଆରସି କାର୍ଯ୍ୟାଳୟରେ କେତେ ସଂଖ୍ୟକ କର୍ମଚାରୀ/ଅଧିକାରୀ କାମ କରୁଛନ୍ତି; ସେମାନଙ୍କର ନାମ ପଦବୀର ଏକ ତାଲିକା ଦେବା ସହ ଅଦ୍ୟାବଧି କେତେ ପଦବୀ ଖାଲି ରହିଛି ଉତ୍ତରରେ ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଓଇଆରସି ରେଗୁଲେସନସ ମାଧ୍ୟମରେ ନିଯୁକ୍ତିର ବ୍ୟବସ୍ଥା ରହିଛି ।

ମାଛ ଉତ୍ପାଦନର ହାର ୬.୪୨ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର: ମାଛ ଓ ଅଣ୍ଡାର ଚାହିଦା ସଂପର୍କରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତର ରଖି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଛନ୍ତି, ରାଜ୍ୟରେ ୨୦୧୪-୧୫ ରୁ ୨୦୧୯-୨୦ ବର୍ଷ ମଧ୍ୟରେ ୩୮,୫୯,୩୦୯ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଥିଲା, ଓଡ଼ିଶା ବାହାରୁ ୨,୫୬,୧୭୧ ମାଛ ଆମଦାନୀ ହୋଇଥିଲା ଏବଂ ଏହି ସମୟରେ ୩୧,୧୬,୫୪୪ ମେଟ୍ରିକ ଟନ ମାଛ ଆବଶ୍ୟକତା ହୋଇଥିଲା । ଏହାର ଏକ ତଥ୍ୟ ପରିଶିଷ୍ଟ-'କ' ରେ ସଂଲଗ୍ନ କରାଗଲା । ସେହିପରି ରାଜ୍ୟରେ ୨୦୧୪-୧୫ ରୁ ୨୦୧୯-୨୦ ବର୍ଷ ମଧ୍ୟରେ ମୋଟ ୧୨୬୧୫୧.୬ ଲକ୍ଷ ଅଣ୍ଡା ଉତ୍ପାଦନ ହୋଇଥିଲା । ଓଡ଼ିଶାରେ ୨୦୨୦-୨୧ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ଘରୋଇ ଅଣ୍ଡା ଆମଦାନୀକାରୀ ତଥା ଏନଇସିସି ଆକଳନ ଅନୁସାରେ ୨୦୨୩-୨୪, ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷରେ ଯଥାକ୍ରମେ ୧୧୭ କୋଟି, ୧୨୬ କୋଟି ଏବଂ ୧୩୫ କୋଟି ଅଣ୍ଡା ଆମଦାନୀ ହୋଇଛି । ଏହାର ଏକ ତୁଳନାତ୍ମକ ଚିତ୍ର ପରିଶିଷ୍ଟ-'ଖ' ରେ ସଂଲଗ୍ନ କରାଗଲା ।

ବିଦ୍ୟୁତ୍ ଅଭାବକୁ ଶୂନ୍ୟସ୍ତରକୁ ଆଣିବାରେ ସକ୍ଷମ ହୋଇଛି ରାଜ୍ୟ

ଭୁବନେଶ୍ୱର : ରାଜ୍ୟରେ ବିଦ୍ୟୁତ୍ ଅଭାବକୁ ନେଇ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପ-ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଶ୍ନ କରିଛନ୍ତି ଯେ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ପୂର୍ବରୁ ଆମ ରାଜ୍ୟରେ ବିଦ୍ୟୁତ୍ ଅଭାବର ପ୍ରତିଶତ କେତେ ଥିଲା, ୨୦୧୫ ମସିହାରେ ଏହା କେତେ ଥିଲା ଏବଂ ବର୍ତ୍ତମାନ ୨୦୨୫ ମସିହାରେ ଏହା କେତେ ଅଛି ? ଆମ ରାଜ୍ୟରେ ବିଭିନ୍ନ ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ଠାରୁ ବିଦ୍ୟୁତ୍ ମୂଲ୍ୟ ବାବଦ ଅର୍ଥ ଆଦାୟର ସ୍ଥିତି କ'ଣ ? ୨୦୨୫ ମସିହା ପର୍ଯ୍ୟନ୍ତ ଏହି କମ୍ପାନୀଗୁଡ଼ିକର ବାର୍ଷିକ କ୍ରମାଗତ କ୍ଷତି କେତେ ରହିଛି ? ଏହାର ଏକ ତୁଳନାତ୍ମକ ବିବରଣୀ ସାରଣୀ ଆକାରରେ ପ୍ରଦାନ କରନ୍ତୁ । ଏହା ସହିତ, ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଏବଂ ସେମାନଙ୍କର ମୂଳ ସଂସ୍ଥା ଆମ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଏକ ବୋଝ ସଦୃଶ କି ନୁହେଁ, ତାହା ଜଣାନ୍ତୁ । ନୂତନ ଖସଡ଼ା ନିୟମାବଳୀ ଅନୁଯାୟୀ, ସେବା ପ୍ରଦାନରେ ବିଳମ୍ବ ପାଇଁ ଆମ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଉପଭୋକ୍ତାମାନଙ୍କୁ ଏପର୍ଯ୍ୟନ୍ତ କେତେ କ୍ଷତିପୂରଣ ପ୍ରଦାନ କରିଛନ୍ତି, ତାହାର ବିସ୍ତୃତ ବିବରଣୀ ଦିଅନ୍ତୁ । ବର୍ତ୍ତମାନ ସୁଦ୍ଧା ସେମାନଙ୍କର ସଞ୍ଚିତ କ୍ଷତିର ପରିମାଣ କେତେ ଏବଂ ରାଜ୍ୟର ମୋଟ ଘରୋଇ ଉତ୍ପାଦ ତୁଳନାରେ ଏହାର ପ୍ରତିଶତ କେତେ, ଯଦି ଏପରି ହୋଇଥାଏ ତେବେ ଏହାର ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ ?

ନାଲ୍‌କୋ ଏବଂ ରୁସାଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ବେଙ୍ଗାଲୁରୁ/ଭୁବନେଶ୍ୱର, ୧୮/୧୧(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ 'ନବରତ୍ନ' ଲୋକ ଉଦ୍ୟୋଗ 'ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ), 'ରେଡ୍ ମଡ୍'ରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ 'ସ୍କାଣ୍ଡିୟମ୍' ପୁନଃରୁଦ୍ଧାର କରିବା ନିମନ୍ତେ 'ରୁସାଲ୍' ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ବେଙ୍ଗାଲୁରୁରେ ଆୟୋଜିତ ୪୪ତମ ଆନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ 'ଇକସୋବା ୨୦୨୬' ଅବସରରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଅରୋରା, ରୁସାଲର ବୈଷୟିକ ନିର୍ଦ୍ଦେଶକ ଭିକ୍ଟର ମାନ୍ ଏବଂ ଉଭୟ ସଂସ୍ଥାର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦେଶରେ ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱଚ୍ଛ ଶକ୍ତି ବ୍ୟବହାର ପାଇଁ ରଣନୈତିକ ଖଣିଜ ସମ୍ପଦ ସୁରକ୍ଷିତ କରିବା ଦିଗରେ ଅଧିକରୁ ଅଧିକ ପ୍ରୟାସ ଜାରି ରହିଛି । ଏହି ସହଭାଗିତା ରେଡ୍ ମଡ୍‌ରୁ ସ୍କାନଡିୟମ୍ ପୁନରୁଦ୍ଧାର ପାଇଁ ସମ୍ଭାବ୍ୟ ପଥଗୁଡ଼ିକର ଜ୍ଞାନ ଆଦାନପ୍ରଦାନ ଏବଂ ବ୍ୟବସାୟିକ ମୂଲ୍ୟାଙ୍କନକୁ ସହଜ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଉଲ୍ଲେଖଯୋଗ୍ୟ ଯେ, ରୁସାଲ ବିଶ୍ୱ ଆଲୁମିନିୟମ୍ ଶିଳ୍ପର ଏକ ଅଗ୍ରଣୀ କମ୍ପାନୀ ଏବଂ ସ୍ୱଚ୍ଛ କାର୍ବନ ନିର୍ଗମନ କରୁଥିବା ବିଶ୍ୱର ଅନ୍ୟତମ ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ । ଏହି କମ୍ପାନୀ ଆଲୁମିନା ଉତ୍ପାଦନ ସମୟରେ ବାହାରୁଥିବା ରେଡ୍ ମଡ୍‌ରୁ ସ୍କାନଡିୟମ୍ ପୁନରୁଦ୍ଧାର ପାଇଁ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି, ଯାହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଏବଂ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି ହୋଇପାରିଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆହତ ସୈନିକଙ୍କ ଉତ୍ତରାଧିକାରୀଙ୍କୁ ଖୋଜିବ ସେନା

ନୂଆଦିଲ୍ଲୀ, ୧୮/୧୧: ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀରେ ଯୁଦ୍ଧ କରି ଆହତ ହୋଇଥିବା ବ୍ରିଟିସ୍ ଭାରତୀୟ ସେନାର ପୂର୍ବତନ ରାଇଫଲମ୍ୟାନ୍ ଗୋବିନ୍ଦ ସିଂହ ରାଓ୍ତଙ୍କ ମୃତ୍ୟୁର ପ୍ରାୟ ଦେଢ଼ ବର୍ଷ ପରେ ତାଙ୍କ ନାଁରେ ଯୁଦ୍ଧଜନିତ ଅକ୍ଷମତା ପେନ୍‌ସନ୍ ପାଇଁ ଆବେଦନ ହୋଇଥିବା ଅଭିଯୋଗ ଆସିଛି । ଏହି ମାମଲାରେ ସମ୍ଭାବ୍ୟ ଜାଲିଆତିର ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟ ବୁଧବାର ସେନାକୁ ରାଓ୍ତଙ୍କ ଆଇନଗତ ଉତ୍ତରାଧିକାରୀ ଓ ପରିବାର ସଦସ୍ୟଙ୍କୁ ଖୋଜିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେନାକୁ ଏଥିରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ ପୁଲିସ ଅଧୀକ୍ଷକ (ଏସ୍‌ଏସ୍‌ପି) ଓ ଥାନା ଅଧିକାରୀଙ୍କୁ ମଧ୍ୟ କୁହାଯାଇଛି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଏସ୍‌ଭିଏନ୍ ଭଟ୍ଟିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କେନ୍ଦ୍ର ସରକାର, ସେନାମୁଖ୍ୟ ଓ ଅନ୍ୟମାନଙ୍କ ପକ୍ଷରୁ ୨୦୨୩ ଅକ୍ଟୋବର ୧୭ ରାୟର ପୁନର୍ବିଚାର ପାଇଁ ଆବେଦନ ହୋଇଛି। ଉକ୍ତ ରାୟରେ ସୁପ୍ରିମ୍‌କୋର୍ଟ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲ୍ (ଏଏଫ୍‌ଟି)ଙ୍କ ପେନ୍‌ସନ୍ ମଞ୍ଜୁରି ଆଦେଶ ବିରୋଧରେ କେନ୍ଦ୍ରର ଆବେଦନକୁ ଖାରଜ କରିଥିଲେ। ବିଳମ୍ବରେ ଆବେଦନ କରାଯାଇଥିବାରୁ କେନ୍ଦ୍ରର ଅପିଲ୍ ଗ୍ରହଣ କରାଯାଇ ନ ଥିଲା।

ଖଣି ପ୍ରକଳ୍ପ ପ୍ରଭାବିତଙ୍କ କଲ୍ୟାଣ ପାଇଁ ଏମ୍‌ସିଏଲ୍ ପ୍ରତିଶ୍ରୁତିବଦ୍ଧ



ସମ୍ବଲପୁର, ୧୮।୧୧(ନିପ୍ର): ଖଣି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରବର୍ଗଙ୍କ କଲ୍ୟାଣ ଓ ସେମାନଙ୍କ ଯଥାର୍ଥ ଦାବିର ସମାଧାନ ପା